ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୫ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 NOVEMBER 2023

Vol.No. 34 ■ No. 290■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଭୂକମ୍ପ ଝଟକାରେ ଥରିଲା ନେପାଳ

⇨୧୩୦ରୁ ଅଧିକ ମୃତ, ଶତାଧିକ ଆହତ

⇨ଶୁକ୍ରବାର ମଝି ରାତିରେ ନେପାଳରେ ପ୍ରଳୟଙ୍କାରୀ ଭୂକମ୍ପ

⇨ରେକ୍ଟର ସ୍କେଲରେ ତ୍ରୀବତା ୬.୪ ରେକର୍ଡ କରାଯାଇଛି

⇨ନେପାଳରେ ଏକ ମାସରେ ୩ଥର ଭୂକମ୍ପ ଘଟିସାରିଲାଣି

ନୂଆଦିଲ୍ଲୀ,୪/୧୧ : ଯୁଆଡେ ନଜର ପଡୁଛି ସେଠି କେବଳ ଧ୍ୱଂସର ଚିତ୍ର । କେଉଁଠି ଅଟାଳିକା ଭାଙ୍ଗିପଡିଛି ତ ପୁଣି କେଉଁଠି ଛାରଖାର ହୋଇପଡିଛି ଜନଜୀବନ। କିଏ ଭଙ୍ଗା ଚଟାଣ ତଳୁ ନିଜ ନିଖୋଜ ସର୍ମ୍ପକୀୟଙ୍କୁ ଖୋଜୁଛି ତ ପୁଣି କିଏ ସବୁ କିଛି ହରାଇ ହତାଶ ହୋଇପଡିଛି । ଶନିବାର ସକାଳୁ ଉତର ନେପାଳରେ ଦେଖିବାକୁ ମିଳିଛି ଏଭଳି ହୃଦୟ ବିଦାରକ ଦୃଶ୍ୟ । ଭୂକମ୍ପରେ ଜାଜରକୋର୍ଟ ଜିଲ୍ଲା ସବୁଠୁ ଅଧିକ କ୍ଷତିଗସ୍ତ ହୋଇଛି । ଜାଜରକୋର୍ଟରେ ୯୦ ଓ ରୁକୁମ ଜିଲ୍ଲାରେ ପ୍ରାୟ ୩୦ରୁ ଅଧିକ ଲୋକଙ୍କ ପ୍ରାଣହାନି ହୋଇଛି । ଭୂମକମ୍ପ ଝଟକାରେ ଶତାଧିକ ଆହତ ହୋଇଥିବା ସୂଚନା ରହିଛି। ଘଟଣାସ୍ଥଳରେ ପହଁଚି ସ୍ଥିତିର ସମୀକ୍ଷା କରିଛନ୍ତି ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ । ଆହତମାନଙ୍କୁ ଏୟାରଲିଫ୍ଟ କରାଯାଇ ଡାକ୍ତରଖାନାରେ ଭର୍ତି କରାଯାଉଛି । କିଛି ଗୁରୁତରଙ୍କୁ ସେନା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଉଦ୍ଧାରକାର୍ଯ୍ୟରେ ନେପାଳ ସରକାର, ସେନା, ବିଭିନ୍ନ ସଂଗଠନ ସହ ରାଜନୈତି ଦଳ ନିୟୋଜିତ ଅଛନ୍ତି । ନେପାଳ ଭୂକମ୍ପ ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି ବିଭିନ୍ନ ରାଷ୍ଟ୍ର । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱେଶ ଏକ୍ସରେ ସମବେଦନାଭରା ପୋଷ୍ଟ କରିଛନ୍ତି । ମୃତକ ଓ ଆହତଙ୍କ ପରିବାରକୁ ସମବେଦନ ଜଣାଇଛନ୍ତି ମୋଦୀ । ଗୋଟିଏ ମାସରେ ନେପାଳ ୩ଥର ବଡ ଭୂକମ୍ପ ଦେଖିସାରିଲାଣି । ସେପଟେ ନେପାଳ ଭୁକମ୍ପ ଝଟକା ଭାରତରେ ମଧ୍ୟ ଅନଭୁତ ହୋଇଛି। ଦିଲ୍ଲୀ –ଏନସିଆର ସମେତ ବିହାର ଓ ଉତରପ୍ରଦେଶରେ ମଧ୍ୟ ଭୂମକମ୍ପରେ ଥରି ଉଠିଛି ।

୨୧ରୁ ବିଧାନସଭାର ୩୦ ଦିନିଆ ଶୀତ ଅଧିବେଶନ

ଭୁବନେଶ୍ୱର, ୪/୧୧ (ନି.ପ୍ର): ବିଧାନସଭାର ଶୀତ ଅଧିବେଶନ ଚଳିତମାସ ୨୧ ତାରିଖରୁ ଆରମ୍ଭ ହେବ। ଏହି ଅଧିବେଶନରେ ଡିସେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଏନେଇ ଶନିବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ସୂଚନା ଅନୁସାରେ, ବିଧାନସଭାର ଶୀତ ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଛି । ଏଥିରେ ୨୪ଟି ସରକାରୀ କାର୍ଯ୍ୟଦିବସ ଓ ୬ଟି ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ପାଇଁ ଉଦ୍ଦିଷ୍ଟ ଅଛି । ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲରେ ସାଧାରଣ ନିର୍ବାଚନ ଥିବାରୁ ଏହି ଶୀତ ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ । ବିଧାନସଭାର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ରେ ଆରମ୍ଭ ହୋଇ ଅକ୍ଟୋବର ୩ତାରିଖରେ ଶେଷ ହୋଇଥିଲା । ତେବେ ନିର୍ବାଚନ ଥିବାରୁ ଶୀତ

▶▶ପୃଷ୍ଠା ୭

ଗିରଫ ହେଲେ ଫିଲ୍ମ ପ୍ରଯୋଜକ ଟୁଟୁ ନାୟକ

ଭୁବନେଶ୍ୱର, ୪/୧୧ (ନି.ପ୍ର): ବିବାଦ ବଢ଼ିବାରୁ ଓଡ଼ିଆ ଫିଲ୍ମ ପ୍ରଯୋଜକ ଟୁଟୁ ନାୟକଙ୍କୁ ଗିରଫ କଲା ଭୁବନେଶ୍ୱର କମିଶନରେଟ୍ ପୁଲିସ୍। ମହିଳା ସାମ୍ବାଦିକ ଦେବସ୍ମିତା ରାଉତଙ୍କୁ ଅସଦାଚରଣ ଅଭିଯୋଗରେ ତାଙ୍କୁ ପୁଲିସ୍ ଗିରଫ କରିଛି। ଏନେଇ ସୂଚନା ଦେଇଛନ୍ତି ଜୋନ୍-୧ ଏସିପି ମାନସ ଗଡ଼ନାୟକ। ତାଙ୍କ ବିରୋଧରେ ପୁଲିସ ଆଇପିସି ଧାରା ୩୫୪ ଅର୍ଥାତ ମହିଳାଙ୍କୁ ଅସଦାଚରଣ, ୩୪୧(ବେଆଇନ ଭାବେ ଅଟକ), ୩୨୩ (ଶରୀରକୁ ଆଘାତ) ଓ ୨୯୪ (ଅଶାଳୀନ ମନ୍ତବ୍ୟ ପ୍ରୟୋଗ) ଆଦି ଦଫା ଲଗାଇଛି। ଶୁକ୍ରବାର ଓଡ଼ିଆ ଫିଲ୍ମ 'ପ୍ରଥା' ରିଲିଜ ହୋଇଥିଲା। ଏହି ଫିଲ୍ମର ପ୍ରମିୟର ଶୋ' ଦେଖିବା ପାଇଁ ସିନେ ଅଭିନେତା, ଅଭିନେତ୍ରୀ, ପ୍ରଯୋଜକ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା।

▶▶ପୃଷ୍ଠା ୭

ମାଗଣା ରାସନ ଯୋଜନା ଆଉ ୫ ବର୍ଷ ବଢ଼ିବ: ଘୋଷଣା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୪/୧୧ : ପୁଣି ବଢ଼ିବ କେନ୍ଦ୍ରର ମାଗଣା ରାସନ ଯୋଜନା ଅବଧି। ଆହୁରି ପାଞ୍ଚ ବର୍ଷ ଯାଏଁ ମାଗଣାରେ ରାସନ ଯୋଗାଇବେ କେନ୍ଦ୍ର ସରକାର। ଏନେଇ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଯୋଜନାରେ ଦେଶର ୮୦ କୋଟି ଗରିବ ଶ୍ରେଣୀର ଲୋକ ଲାଭବାନ ହେବେ। ଆଗକୁ ନିର୍ବାଚନ ଥିବା ଛତିଶଗଡ଼ରେ ଏକ ରାଲିକୁ ସମ୍ବୋଧିତ କରିବା ସମୟରେ ଏହି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ବିଜେପି ସରକାର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ ଯୋଜନାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଉଛନ୍ତି। ଆପଣମାନଙ୍କର ଭଲପାଇବା ଏବଂ ଆଶୀର୍ବାଦ ମୋତେ ସର୍ବଦା ପବିତ୍ର ନିଷ୍ପତ୍ତି ନେବାକୁ ଶକ୍ତି ଦେଇଥାଏ।' ଛତିଶଗଡ଼ରେ ଏକ ଜନ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏହି ଘୋଷଣା କରିବା ସହ କଂଗ୍ରେସ ଉପରେ ମଧ୍ୟ ପ୍ରବଳ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ। କଂଗ୍ରେସ ସବୁବେଳେ ଆର୍ଥିକ ଲାଭକୁ ପ୍ରାଧାନ୍ୟ ଦେଉଥିବା ଏବଂ ବାରମ୍ବାର ଦୁର୍ନୀତିଗ୍ରସ୍ତ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ କରିଛନ୍ତି ପ୍ରଧାନମନ୍ତ୍ରୀ। ଏଥିସହ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'କଂଗ୍ରେସ ଆତ୍ମନିର୍ଭରଶୀଳ ଏବଂ ଆତ୍ମବିଶ୍ୱାସୀ ଗରିବଙ୍କୁ ଘୃଣା କରେ। ଦଳ ସବୁବେଳେ ଚାହେଁ, ଗରିବମାନେ ତାଙ୍କ ସମ୍ମୁଖରେ ଛିଡ଼ା ହୁଅନ୍ତୁ ଏବଂ ଗୁହାରି କରନ୍ତୁ। ଗରିବଙ୍କୁ ଗରିବ କରି ରଖିବାକୁ ଦଳ ଚାହୁଁଛି। ତେଣୁ ଗରିବଙ୍କ ପାଇଁ ପ୍ରତ୍ୟେକ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଏଠାରେ କଂଗ୍ରେସ ସରକାର ନିଜର ସମସ୍ତ ଶକ୍ତି ଲଗାଇ ଦେଉଛି।' ଆପଣ ଗତ ପାଞ୍ଚ ବର୍ଷ ଧରି କଂଗ୍ରେସ ଦ୍ୱାରା ହୋଇଥିବା ଅନ୍ୟାୟ ଏବଂ ଦୁର୍ନୀତିକୁ ସହ୍ୟ କରିଛନ୍ତି। ମୋତେ ବିଶ୍ୱାସ କରନ୍ତୁ, ମାତ୍ର ୩୦ ଦିନ ବାକି ଅଛି। ଏହା ପରେ ଆପଣ ଏହି ସମସ୍ୟାରୁ ମୁକ୍ତ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରକାଶ ଥାଉ କି ଆଗକୁ ରହିଛି ଛତିଶଗଡ଼ ବିଧାନସଭା ନିର୍ବାଚନ। ଏଠାରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ। ନଭେମ୍ବର ୭ ଓ ୧୭ରେ ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ମତଦାନ ଏବଂ ଡିସେମ୍ବର ୩ରେ ଫଳାଫଳ ପ୍ରକାଶ ପାଇବ। ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ଥିବାରୁ ବିଭିନ୍ନ ଦଳ ପାଇଁ ଏହା ଏକ ପ୍ରକାର ଫ୍ଲୋର୍ ଟେଷ୍ଟ। ତେଣୁ ବିଧାନସଭା ନିର୍ବାଚନରେ ବାଜିମାତ୍ ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜନୈତିକ ଦଳ।

ଦୀପାବଳି ପୂର୍ବରୁ ବାଣ ଗୋଦାମରେ ଚଢ଼ାଉ: ୧୦ଲକ୍ଷ ଟଙ୍କାର ବାଣ ଜବତ

ଭଦ୍ରକ, ୪/୧୧ (ନି.ପ୍ର): ଆଗକୁ ଦୀପାବଳି ଆସୁଥିବା ବେଳେ ବେଆଇନ ବାଣ ଗୋଦାମ ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି ପୁଲିସ। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ। ପୁଲିସ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଅର୍ଣ୍ଣପାଳର ଦୈତାରୀ ବେହେରା ଓ କେନ୍ଦୁଆପଦା ଚିନାମାଳୀ ଅଂଚଳର ଦୀନବନ୍ଧୁ ଜେନା ଚୋରାରେ ବାଣ ତିଆରି କରୁଥିବା ବେଳେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଗତକାଲି ପୁଲିସ ଟିମ୍ ବେଆଇନ ବାଣ ଗୋଦାମ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୁଲିସ୍ ବିଭିନ୍ନ କିସମର ବାଣ ଓ ବମ ଜବତ କରିଥିଲା। ଯାହାର ଅନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ।

ଉଗ୍ର ହେଉଛି ଇସ୍ରାଏଲ-ହମାସ ଯୁଦ୍ଧ ଆମ୍ବୁଲାନ୍ସ ଉପରେ ଏୟାର ଷ୍ଟ୍ରାଇକ୍

ନୂଆଦିଲ୍ଲୀ,୪/୧୧ :୨୯ ଦିନରେ ପହଁଚିଲାଣି ଇସ୍ରାଏଲ – ହମାସ ଯୁଦ୍ଧ । ଦିନ ଯେତିକି ବଢି ବଢି ଚାଲିଛି, ଗାଜାରେ ସ୍ଥିତି ସେତିକି ଭୟଙ୍କର ହେବାରେ ଲାଗିଛି । ହମାସକୁ ନିପାତ କରିବା ପାଇଁ ଇସ୍ରାଏଲ ଜିଦ୍ ଧରିଥିବାବେଳେ ଏହି ଲଢେଇରେ ବଳି ପଡୁଛନ୍ତି ନୀରିହ ପାଲେଷ୍ଟାଇନ୍ ନାଗରିକ । ଏହାରି ଭିତରେ ଶୁକ୍ରବାର ଏକ ଆମ୍ବୁଲାନ୍ସ ଉପରେ ଏୟାର ଷ୍ଟ୍ରାଇକ୍ କରିଛି ଇସ୍ରାଏଲ ସେନା । ଉତରରୁ ଦକ୍ଷିଣ ଗାଜାକୁ ଧାଡି କରି କିଛି ଆମ୍ବୁଲାନ୍ସ ଯାଉଥିବାବେଳେ ଆକାଶମାର୍ଗରୁ ବୋମା ବର୍ଷା ହୋଇଛି । ଏଥିରେ ୧୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଥିବା ସୂଚନା ମିଳିଛି । ଇସ୍ରାଏଲ ପ୍ରତିରକ୍ଷା ବିଭାଗ ସୂଚନା ଅନୁସାରେ – ଶୁକ୍ରବାର ରାତିରେ ଅଲ ଶିଫା ଡାକ୍ତରଖାନା ବାହାରେ ବି ଆକ୍ରମଣ ହୋଇଛି । କେବଳ ସେତିକି ନୁହେଁ ଗୁରୁବାର ଜବାଲିଆ ଶରଣାର୍ଥୀ କ୍ୟାମ୍ପ ଉପରେ ପୁଣିଥରେ ଆକ୍ରମଣ କରିଛି ନେତାନ୍ୟାହୁଙ୍କ ବାହିନୀ । ବାରମ୍ବାର ଶରଣାର୍ଥୀ ଶିବିର ଉପରେ ଆକ୍ରମଣକୁ ଜାତିସଂଘ ସମେତ ବିଭିନ୍ନ ଦେଶ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ଅକ୍ଟୋବର ୩୧ ଜବାଲିଆ ଶରଣାର୍ଥୀ ଶିବିର ଉପରେ ୯୦୭ କିଲୋର ବମ୍ ପକାଇଥିଲା ଇସ୍ରାଏଲ । ନ୍ୟୁୟର୍କ ଟାଇମ୍ସର ସୂଚନା ଅନୁସାରେ ଏହି ଆକ୍ରମଣରେ ୧୯୫ଜଣଙ୍କ ମୃତ୍ୟୁ ହୋଇଥିଲା । ତେବେ ଜାତିସଂଘର ଶିବିର, ଜବାଲିଆ ଶରଣାର୍ଥୀ ଶିବିର, ଡାକ୍ତରଖାନା ଏବଂ ଆମ୍ବୁଲାନ୍ସ ଉପରେ ଆକ୍ରମଣକୁ ନେଇ ଇସ୍ରାଏଲ ସରକାରକୁ ଜବାବ ମାଗିଛି ଆମେରିକା । ସେପଟେ ହମାସ ମୁଖ୍ୟ ଇସ୍ମାଇଲ୍ ହାନିଆଙ୍କ ଘର ଉପରେ ଆକ୍ରମଣ କରିଛି ଇସ୍ରାଏଲ ସେନା ।

▶▶ପୃଷ୍ଠା ୭

ଗ୍ୟାସ ଚାମ୍ବର ପାଲଟିଲା ରାଜଧାନୀ: ନିଶ୍ୱାସ ନେବା କଷ୍ଟକର

ନୂଆଦିଲ୍ଲୀ,୪/୧୧ : ଚାରିଆଡେ କେବଳ ଧୂଆଁର ଚାଦର। ଯୁଆଡେ ଚାହିଁବ ସିଆଡେ କେବଳ ଉଡୁଛି ଧୂଳି। ଦେଖାଯିବା ତ ଦୂରର କଥା ନିଶ୍ୱାସ ନେବା ବି ମୁସକିଲ ହୋଇପଡିଛି। ଏକ ପ୍ରକାର ଗ୍ୟାସ ଚାମ୍ବାର ପାଲଟିଛି ରାଜଧାନୀ ଦିଲ୍ଲୀ। ଏଠାକାର ବାୟୁରେ ବିଷାକ୍ତ ପାଲଟି ଯାଇଛି। ଆଜି ବି ଦିଲ୍ଲୀରେ ବାୟୁ ପ୍ରଦୂଷଣସ୍ତର ପ୍ରବଳ ମାତ୍ରାରେ ବୃଦ୍ଧି ପାଇଛି। ଏଠାକାର ବାୟୁର ମାନକ ଆଜି ୪୦୦ ଉପରେ ରହିଛି। ଦିଲ୍ଲୀର ବଜିରପୁର ଅଞ୍ଚଳରେ ବାୟୁର ମାନକ ବେଶ୍ ଗୁରୁତର ଶ୍ରେଣୀରେ ପହଞ୍ଚିଛି। ଏଆଇକ୍ୟୁ ତଥା ଏୟାର କ୍ୱାଲିଟି ଇଣ୍ଡେକ୍ସ ୪୩୭ ଥିବା ରେକର୍ଡ କରାଯାଇଛି। ସେହିପରି ପୁରମ ଅଞ୍ଚଳରେ ୪୩୪, ନେହରୁ ନଗରରେ ୩୨୬, ଶାଦିପୁରରେ ୪୫୧, ଓଖଲାରେ ୪୩୬, ବବାନାରେ ୪୩୪, ମୁଣ୍ଡକାରେ ୪୨୪, ଆନନ୍ଦ ବିହାରରେ ୪୩୮, କରଣୀ ସିଂହ ଶୁଟିଂ ରେଞ୍ଜରେ ୪୫୧ ଏଆଇକ୍ୟୁ ଥିବା ସୂଚନା ମିଳିଛି।

▶▶ପୃଷ୍ଠା ୭

ପାକିସ୍ତାନରେ ବଡ ଧରଣର ଆତଙ୍କବାଦୀ ଆକ୍ରମଣ

ନୂଆଦିଲ୍ଲୀ,୪/୧୧ : ପାକିସ୍ତାନରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ମିଆଁଓ୍ୱାଲି ଏୟାରବେସରେ ଅନେକ ଆତଙ୍କବାଦୀ ପ୍ରବେଶ କରିଥିବା ସୂଚନା ମିଳିଛି । ସମଗ୍ର ଅଞ୍ଚଳରେ ଗୁଳିବିନିମୟ ଜାରି ରହିଛି। ଏହାକୁ ନେଇ ଅନେକ ପାକିସ୍ତାନୀ ସାମ୍ବାଦିକଙ୍କ ରିପୋର୍ଟ ଓ ଭିଡିଓ ସାମ୍ନାକୁ ଆସିଛି। ଅଜ୍ଞାତ ବନ୍ଧୁକଧାରୀମାନେ ମିଆନଓ୍ୱାଲିସ୍ଥିତ ପାକିସ୍ତାନ ବାୟୁସେନା ପ୍ରଶିକ୍ଷଣ ଘାଟି ଉପରେ ଆକ୍ରମଣ କରିଥିବା ସୂଚନା ମିଳିଛି। ଯେଉଁଥିରେ ଲୋକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ଖବର ଅନୁଯାୟୀ, ଆଜି ସକାଳେ ପାକିସ୍ତାନର ପଞ୍ଜାବ ପ୍ରଦେଶର ମିଆନଓ୍ୱାଲିରେ ଥିବା ପାକିସ୍ତାନ ବାୟୁସେନା ଘାଟି ଉପରେ ଅନେକ ଆତ୍ମଘାତୀ ଆକ୍ରମଣକାରୀ ଆକ୍ରମଣ କରିଛନ୍ତି। ପାକ୍ ବାୟୁସେନା ଏହାର ଜବାବରେ ୩ ଜଣ ଆତଙ୍କବାଦୀଙ୍କୁ ନିପାତ କରିଥିବା ସୂଚନା ରହିଛି । ଆତଙ୍କବାଦୀଙ୍କ ଆକ୍ରମଣରେ ଅନେକ ଯୁଦ୍ଧ ବିମାନ ଧ୍ୱଂସ ହୋଇଛି। ସୂଚନା ଅନୁଯାୟୀ, ସକାଳ ସମୟରେ ୫ରୁ ୬ ଜଣ ସଶସ୍ତ୍ର ଆତଙ୍କବାଦୀ ଏୟାରବେସରେ ଅନୁପ୍ରବେଶ

▶▶ପୃଷ୍ଠା ୭

ଆଳୁ, ପିଆଜ ପାଇଁ ଚାଷୀ ଅମଙ୍ଗ: କେବଳ ୨.୦୭% ଜମିରେ ଆଳୁ ଓ ୧.୮୮% ପିଆଜ ଚାଷ

ରାଉରକେଲା, ୪/୧୧ (ନି.ପ୍ର): ଆଳୁ ଓ ପିଆଜ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟରେ ପରିଣତ ହେଲାଣି। ଏଣୁ ବିଭିନ୍ନ ସମୟରେ ଏଥିରେ ଦର ବୃଦ୍ଧି ହେଲେ କିମ୍ବା ଅଭାବ ଦେଖାଗଲେ, ତାହା ସିଧାସଳଖ ଜନସାଧାରଣଙ୍କୁ ପ୍ରଭାବିତ କରିଥାଏ। ଏହାକୁ ଦୂର କରିବାକୁ ଯେଉଁ ଅନୁପାତରେ ଆଳୁ, ପିଆଜ ଚାଷ ହେବା କଥା; ତାହା ଜିଲ୍ଲାରେ ଦେଖିବାକୁ ମିଳୁନି। ବାସ୍ତବରେ ସରକାରୀ ପ୍ରୋତ୍ସାହନର ଅଭାବ ଯୋଗୁଁ ଚାଷୀକୂଳ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଜିଲ୍ଲାରେ ମୋଟ୍ ୩ ଲକ୍ଷ ୧୩ ହଜାର ହେକ୍ଟର ଚାଷ ଜମି ରହିଛି। ଏଥିମଧ୍ୟରୁ ୨ ଲକ୍ଷ ୧୨ ହଜାର ହେକ୍ଟର (୬୭.୭୩%) ଜମିରେ ଧାନ ଚାଷ କରାଯାଉଥିବାବେଳେ ଅବଶିଷ୍ଟ ୧ ଲକ୍ଷ ୧ ହଜାର ହେକ୍ଟର (୩୨.୩୭%) ଜମିରେ ଅଣଧାନ, ଯଥା- ପନିପରିବା, ତୈଳବୀଜ, ଡାଲି ଜାତୀୟ, ମିଲେଟ୍ ଆଦି ଚାଷ ହେଉଛି। ତେବେ ଅଣଧାନ ଚାଷ ହେଉଥିବା ଜମିରୁ ଅଧିକାଂଶ, ଅର୍ଥାତ୍, ପାଖାପାଖି ୩୦ ହଜାର ହେକ୍ଟରରେ ପନିପରିବା, ଯଥା- ଆଳୁ, ଟମାଟୋ, କଲରା, ଭେଣ୍ଡି, ବାଇଗଣ, ଲାଉ, ପୋଟଳ, ଶିମିଳା ଲଙ୍କା ଆଦି ଭିନ୍ନ ଭିନ୍ନ ପରିବା ଚାଷ କରାଯାଇଥାଏ। ଅପରପକ୍ଷରେ ପନିପରିବା ତୁଳନାରେ ଆଳୁ, ପିଆଜ ଚାଷର ପରିମାଣ ଅତି ନଗଣ୍ୟ। ଜିଲ୍ଲାରେ ଅଣଧାନ ଚାଷ ପାଇଁ ଉଦ୍ଦିଷ୍ଟ ଜମିରୁ କେବଳ ୨୧୦୦ ହେକ୍ଟର (୨.୦୭%) ଜମିରେ ଆଳୁ ଚାଷ ହେଉଥିବାବେଳେ ମାତ୍ର ୧୯୦୦ ହେକ୍ଟର(୧.୮୮%) ଜମିରେ ପିଆଜ ଚାଷ ହେଉଛି। ମୁଖ୍ୟତଃ ଜିଲ୍ଲାର ସୁନ୍ଦରଗଡ଼ ବ୍ଲକ ସମେତ ଲେଫ୍ରିପଡ଼ା, କୁଆରମୁଣ୍ଡା, ବିଶ୍ରା, ନୂଆଗାଁ ଆଦି ବ୍ଲକରେ ଆଳୁ ଓ ପିଆଜ ଚାଷ ଅଧିକ ହୋଇଥାଏ। କିନ୍ତୁ ତାହା ମଧ୍ୟ ଆଶାନୁରୂପ ନୁହେଁ। ଏ ଧରଣର ଚାଷ ପାଇଁ ଏସବୁ ଅଞ୍ଚଳରେ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ରହିଛି। କିନ୍ତୁ ପର୍ଯ୍ୟାପ୍ତ ସଂଖ୍ୟକ ଶୀତଳଭଣ୍ଡାରର ଅଭାଗ ଯୋଗୁଁ କଷ୍ଟ ଉପାର୍ଜିତ ଉତ୍ପାଦ ନଷ୍ଟ ହେବା ଆଶଙ୍କାରେ, ଚାଷୀକୂଳ ଆଳୁ, ପିଆଜ ଚାଷ ପାଇଁ ଅମଙ୍ଗ ହେଉଛନ୍ତି। ବିଗତ ବର୍ଷର ପରିସଂଖ୍ୟାନକୁ ଦେଖିଲେ ପନିପରିବା ଚାଷ ବୃଦ୍ଧି ପାଇଥିବା ସ୍ପଷ୍ଟ ଜଣାପଡ଼େ। କିନ୍ତୁ ଯେଉଁ ଅନୁପାତରେ ଆଳୁ, ପିଆଜ ଚାଷରେ ବୃଦ୍ଧି ହେବା କଥା, ତାହା ଦେଖିବାକୁ ମିଳୁନି। ଉଲ୍ଲେଖଯୋଗ୍ୟ, ଯଦିଓ ଜିଲ୍ଲାରେ ୧ ଲକ୍ଷ ୧ ହଜାର ହେକ୍ଟର ଜମିରେ ଅଣଧାନ ଚାଷ କରାଯାଇଥାଏ; କିନ୍ତୁ ଚାଷୀମାନେ ଧାନଚାଷ ଜମିରେ ମଧ୍ୟ ପନିପରିବା କରୁଥିବା ଦେଖିବାକୁ ମିଳୁଛି। ୨୦୨୨ ମସିହାରେ ୧ ଲକ୍ଷ ୪ ହଜାର ୯୫୧ ହେକ୍ଟର ଜମିରେ ଅଣଧାନ ଚାଷ ହୋଇଥିବା ବେଳେ ୨୦୨୧ରେ ୧ ଲକ୍ଷ ୮ ହଜାର ୯୧୩ ହେକ୍ଟର ଜମିରେ ଏ ଜାତୀୟ ଚାଷ ହୋଇଥିଲା। ଅର୍ଥାତ୍, ଗତ ଦୁଇ ବର୍ଷରେ ଯଥାକ୍ରମେ, ୩୯୫୧ ଓ ୭୯୧୩ ହେକ୍ଟର ଅଧିକ ଜମିରେ ପନିପରିବା ଚାଷ ହୋଇଥିଲା। ଚଳିତ ଖରିଫ୍ ଋତୁରେ ୧ ଲକ୍ଷ ୧ ହଜାର ହେକ୍ଟର ଜମିରେ ଅଣଧାନ ଚାଷ କରିବାକୁ ଜିଲ୍ଲା କୃଷି ବିଭାଗ ଲକ୍ଷ ଧାର୍ଯ୍ୟ କରିଛି।

ରାଜ୍ୟସ୍ତରୀୟ ପରବ ବୋରିଗୁମ୍ଫାରୁ ଆରମ୍ଭ

ଜୟପୁର, ୪/୧୧ (ନି.ପ୍ର): ବୋରିଗୁମ୍ଫାରୁ ଆରମ୍ଭ ହେଲା କୋରାପୁଟର ଲୋକ ମହୋତ୍ସବ-୨୦୨୩ । ସ୍ଥାନୀୟ ଭୈରବ ମନ୍ଦିରରେ ପୂଜାର୍ଚ୍ଚନା ସହ ଏହି ଲୋକ ମହୋତ୍ସବ ପାଇଁ ବିଗୁଲ ବାଜିଛି। ୧୪ଟି ବ୍ଲକର ଲୋକ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ସହ ହଜାର ହଜାର ସ୍ଥାନୀୟ କଳାକାର ଓ ଲୋକ ଏଥିରେ ସାମିଲ ହୋଇଥିଲେ। ୧୦ ହଜାର ଲୋକଙ୍କ ଉପସ୍ଥିତିରେ ନାଚ ଗୀତରେ ଦୁଲୁକିଥିଲା ବୋରିଗୁମ୍ଫା ସହର।

ବୋରିଗୁମ୍ଫାର ଭୈରବ ମନ୍ଦିରରୁ ଆରମ୍ଭ ହେଲା କୋରାପୁଟର ଲୋକ ମହୋତ୍ସବ ପରବ-୨୦୨୩ । ଏଥିରେ ଜିଲ୍ଲାର ୧୪ଟି ବ୍ଲକର ହଜାର ହଜାର ଲୋକ ସାମିଲ ହୋଇଥିଲେ । ଆଦିବାସୀ ନାଚ ଗୀତରେ କମ୍ପିଥିଲା ବୋରିଗୁମ୍ଫା । ଏଥିରେ ଜିଲ୍ଲାର ସମସ୍ତ ବିଧାୟକ, ସାଂସଦ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ସ୍ଥାନୀୟ ଲୋକ ପ୍ରତିନିଧି ଯୋଗ ଦେଇଥିଲେ। ସ୍ଥାନୀୟ ଭୈରବ ମନ୍ଦିରରେ ପୂଜାର୍ଚ୍ଚନା ସହ ମଶାଲ ପ୍ରଜ୍ୱଳନ ହୋଇଥିଲା। ଆଉ ଏହା ପରେ ବିରାଟ ଶୋଭାଯାତ୍ରାରେ ମଶାଲ ବାହାରି ପେରେଡ୍ ଗ୍ରାଉଣ୍ଡରେ ପହଂଚି ଥିଲା। ଆଉ ଏଠାରେ ସାଧାରଣ ସଭାର ଆୟୋଜନ ହୋଇଥିଲା। ଆଜିର ଉଦଘାଟନ ଉତ୍ସବ ପରେ ବିଭିନ୍ନ ବ୍ଲକ ଓ ସହରାଂଚଳ ସ୍ତରରେ ପରବ ପାଳନ କରାଯିବ । ଏହା ପରେ ଜିଲ୍ଲା ସ୍ତରୀୟ ଲୋକ ମହୋତ୍ସବ କୋରାପୁଟରେ ଆୟୋଜିତ ହେବ। ଗାଁ ଗହଳିର ପ୍ରତିଭାକୁ ଲୋକ ଲୋଚନକୁ ଆଣିବାକୁ ପରବ ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଛନ୍ତି ସ୍ଥାନୀୟ ଲୋକ ଓ କଳାକାର। ଏହି ଲୋକ ମହୋତ୍ସବକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଭରପୁର ଚେଷ୍ଟା କରାଯାଇଥିବା କହିଛନ୍ତି କୋରାପୁଟ ଜିଲ୍ଲାପାଳ । ଏଥିରେ ସାମିଲ ହୋଇ ବେଶ ଖୁସି ବ୍ୟକ୍ତ କରିଥିଲେ ସ୍ଥାନୀୟ କଳାକାର ଓ ଅଧିବାସୀ । ଉଦଘାଟନୀ ଉତ୍ସବରେ ଦଳ ମତ ନିର୍ବିଶେଷରେ ସବୁ ଦଳର ନେତା ଯୋଗ ଦେଇଥିଲେ। ନେତା ଓ ପ୍ରଶାସନିକ ଅଧିକାରୀ ସମସ୍ତେ ମିଳିମିଶି ଢେମସା ନାଚର ତାଳେ ତାଳେ ନାଚିଥିଲେ। ତେବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ସମେତ ବିଜେଡିର ୪ ବିଧାୟକ ମଧ୍ୟ ଖୁବ୍ ନାଚିଥିଲେ। ଏହାକୁ ସମସ୍ତେ ମନ ଭରି ଉପଭୋଗ କରିଥିବା ବେଳେ ଲୋକ ମହୋତ୍ସବ ପରବ ରାଜନୀତିରୁ ଉର୍ଦ୍ଧ୍ୱରେ ବୋଲି କହିଛନ୍ତି ସବୁ ଦଳର ନେତା ଓ କର୍ମୀ । ୨୬ ତମ ପରବକୁ ସଫଳ କରିବାକୁ ସମସ୍ତେ ମିଳିମିଶି ଉଦ୍ୟମ ଓ ସହଯୋଗ କରିବାକୁ ଜୟପୁର ବିଧାୟକ ତାରା ବାହିନୀପତି ଆହ୍ୱାନ କରିଛନ୍ତି। ପରବ କେବଳ ଏକ ଲୋକ ମହୋତ୍ସବ ନୁହେଁ ବରଂ ଏହା ଏକ ଭବନାର କଥା । ଏହା ଜିଲ୍ଲାର କଳା, ସଂସ୍କୃତି ଓ ଖେଳ ସହ ଅନ୍ୟ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାକୁ ସର୍ବୋତମ ମାଧ୍ୟମ ବୋଲି କହିଛନ୍ତି ସମସ୍ତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ । ବ୍ଲକ ଓ ସହରାଚଂଳରେ ଆୟୋଜିତ ହେବାକୁ ଥିବା ପରବରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଚୟନ କରାଯିବ ଓ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜିଲ୍ଲା ସ୍ତରୀୟ ଏହି ଲୋକ ମହୋତ୍ସବ ବୋରିଗୁମ୍ଫାରୁ ଆରମ୍ଭ ହୋଇଥିବା ବେଳେ ଏହି ମାସର ୨୬, ୨୭ ଓ ୨୮ ତାରିଖରେ କୋରାପୁଟରେ ୩ ଦିନ ଧରି ଏହାର ରାଜ୍ୟ ସ୍ତରୀୟ ମହୋତ୍ସବ ଆୟୋଜନ ହେବ।

ଗଞ୍ଜାମ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ଗଞ୍ଜାମ, ୪/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସମାରୋହ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ପ୍ରକୋଷ୍ଠ ଠାରେ ଶୁକ୍ରବାର ପାଳିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ ଜିଲ୍ଲା ସ୍ତରୀୟ ଏହି ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଦୁର୍ନୀତିର ମୂଳପୋଛ ହେଲେ ଦେଶ ପ୍ରଗତି ପଥରେ ଆଗେଇବ । ଦୁର୍ନୀତି ଆମ ସମାଜ, ପରିବାର ଓ ଦେଶକୁ ଗ୍ରାସ କରିଛି । ନିଜେ ବଡବଡ କଥା ନ କହି ଲାଳସା ମୁକ୍ତ ହୋଇ କାର୍ଯ୍ୟ କଲେହିଁ ଦୁର୍ନୀତିର ମୂଳ ପୋଛ ହେବ । ଏଣୁ ପରିବାର ଠାରୁ ଆରମ୍ଭ କରି ସମସ୍ତ ସ୍ତରରେ ଦୁର୍ନୀତିକୁ ପ୍ରଶ୍ରୟ ଦେବା ନାହିଁ। ଯେଉଁଠି ଦୁର୍ନୀତି ହେଉଛି ଜାଣିବା ତାହା ଲୋକ ଲୋଚନରେ ପ୍ରକାଶ ହେବା ଆବଶ୍ୟକ ତେବେ ଯାଇ ଦୁର୍ନୀତିର ଲିପ୍ତଥିବା ବ୍ୟକ୍ତି ଦୁର୍ନୀତି କରିବା ଦିଗରେ ସାହସ କରିବେ ନାହିଁ । ପ୍ରତ୍ୟକ ନାଗରିକ ଦୁର୍ନୀତିକୁ ରୋକିବା ଦିଗରେ ସଜାଗ ହେବ ଜରୁରୀ । ଛୋଟ ଛୋଟ କଥାରେ ପ୍ରତ୍ୟେକେ ଧ୍ୟାନ ଦେବା, ନିଜ ଦାୟିତ୍ୱକୁ ସ୍ୱଚ୍ଛତା ଦ୍ୱାରା ଆନ୍ତରିକତାର ସହ ତ୍ୟାଗପୂର୍ଣ୍ଣ ଭାବେ କାମ କରିବା ଆବଶ୍ୟକ । ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବା ପ୍ରତ୍ୟେକ କର୍ମଚାରୀଙ୍କର କର୍ତବ୍ୟ. କୋଉଟା ଭଲ କୋଉଟା ମନ୍ଦ ପ୍ରତ୍ୟେକେ ଜାଣନ୍ତି । ମନ୍ଦ କାର୍ଯ୍ୟରୁ ଦୂରେଇ ରହି ଭଲ କାର୍ଯ୍ୟରେ ଲିପ୍ତ ହେବା ଆବଶ୍ୟକ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା ପରିଚାଳନା କରି ଜଣାଇଥିଲେ ଯେ, ରାଷ୍ଟ୍ରର ବିକାଶ ଦିଗରେ ସମସ୍ତ ବ୍ୟକ୍ତିବିଶେଷ ପ୍ରତିଟି କ୍ଷେତ୍ରରେ ସଚେତନତା ଓ ସଜାଗ ରହିଲେ ଦୁର୍ନୀତି ରୂପକ ରାକ୍ଷସକୁ ରୋକିହେବ । ଏଥି ନିମନ୍ତେ ଯୁବପିଢିଙ୍କ ଠାରୁ ଆରମ୍ଭ କରି ଯିଏ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଥାନ୍ତୁ ନା କାହିଁକି ପ୍ରତ୍ୟେକେ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତୋଳନ କରିବା ଆବଶ୍ୟକ । ଡେପୁଟି କଲେକ୍ଟର ଆୟୁଷୀ ପତି, ଦୀପ୍ତିମୟୀ ପାତ୍ର ନିଜ ନିଜ ବକ୍ତବ୍ୟରେ ପ୍ରତ୍ୟେକ ନାଗରିକ ତଥା ଯୁବପିଢୀଙ୍କର ଦୁର୍ନୀତି ରୋକିବାରେ ଉତର ଦାୟୀତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

ଓଡ଼ିଶାରେ ନାହିଁ ଉନ୍ନତ ଚିକିତ୍ସା ବ୍ୟବସ୍ଥା: ଶିଶୁ ହୃଦ୍‌ରୋଗୀଙ୍କୁ ବାହାର ରାଜ୍ୟ ଭରସା

କଟକ, ୪/୧୧ (ନି.ପ୍ର): ରାଜ୍ୟରେ ନାହିଁ ଶିଶୁ ହୃଦ୍‌ରୋଗୀଙ୍କ ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥା। ଏପରିକି ରାଜ୍ୟରେ ଶିଶୁ ମାନଙ୍କ ପାଇଁ ଥିବା ଏକମାତ୍ର ସ୍ୱତନ୍ତ୍ର ସରକାରୀ ଚିକିତ୍ସାଳୟ ଶିଶୁଭବନ (ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତୋର ଶିଶୁରୋଗ ପ୍ରତିଷ୍ଠାନ) ଅଥବା ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ବି ଏ ଚିକିତ୍ସା ସୁବିଧା ଆଜି ଯାଏ ହୋଇପାରିଲା ନାହିଁ। ଏଭଳି ସ୍ଥିତିରେ ଶିଶୁ ହୃଦ୍‌ରୋଗୀଙ୍କୁ ମୁମ୍ବାଇ, ଅହମଦାବାଦ୍, ପଶ୍ଚିମବଙ୍ଗର ବିଭିନ୍ନ ହସ୍ପିଟାଲ ଯିବାକୁ ପଡୁଛି। ସେହିସବୁ ହସ୍ପିଟାଲ ସହିତ ରାଜ୍ୟ ସରକାର ବୁଝାମଣା ଚୁକ୍ତି କରିଛନ୍ତି। ସେଠାକୁ ଯାଉଥିବା ଶିଶୁରୋଗୀଙ୍କ ଖର୍ଚ୍ଚ ବି ବହନ କରୁଛନ୍ତି। ଗଲା ୯ ମାସ ଭିତରେ କେବଳ କଟକ ଜିଲ୍ଲାରୁ ୫୮ଜଣ ଶିଶୁ ହୃଦ୍‌ରୋଗୀ ସରକାରୀ ଖର୍ଚ୍ଚରେ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ସେମାନଙ୍କ ପାଇଁ ସରକାର ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ରାଜ୍ୟରେ ଏହି ଚିକିତ୍ସା ବ୍ୟବସ୍ଥା ଏଯାଏ କାହିଁକି ହୋଇପାରୁନି, ତାହାକୁ ନେଇ ବି ସ୍ଥିତି ସ୍ପଷ୍ଟ ହେଉ ନାହିଁ।

ତଥ୍ୟ ଅନୁଯାୟୀ, ଏବେ ଶିଶୁ ହୃଦ୍‌ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଶିଶୁଭବନରେ ସ୍ୱତନ୍ତ୍ର ହୃଦ୍‌ରୋଗ ବିଭାଗ ଖୋଲି ପାରି ନଥିବାରୁ ଶିଶୁ ହୃଦରୋଗୀମାନେ ପ୍ରଥମେ କଟକ ବଡ ଡାକ୍ତରଖାନାକୁ ଆସୁଛନ୍ତି। କିନ୍ତୁ ଏସ୍‌ସିବିରେ ଶିଶୁ ହୃଦ୍‌ରୋଗୀଙ୍କ ସ୍ୱତନ୍ତ୍ର ଚିକିତ୍ସା ଅଥବା ଜଟିଳ ଅସ୍ତ୍ରୋପଚାର ନେଇ କୌଣସି ବ୍ୟବସ୍ଥା ନାହିଁ। ହୃତ୍‌ପିଣ୍ଡରେ ଛିଦ୍ର ଏବଂ ଆଉ ନିର୍ଦ୍ଦିଷ୍ଟ କିଛି ଅସ୍ତ୍ରୋପଚାରକୁ ବାଦ୍ ଦେଲେ ଅନ୍ୟ ଉନ୍ନତ ଚିକିତ୍ସା ପାଇଁ ଶିଶୁରୋଗୀଙ୍କୁ ବାହାର ରାଜ୍ୟକୁ ଯିବାକୁ ପଡୁଛି। ଏଭି କେନାଲ୍ ଡିଫେକ୍ଟ, ଡିଓଆରଭି, ଟେଟ୍ରୋଲୋଜି ଅଫ୍ ଫାଲ୍‌ରଟ, ପଲ୍‌ମ୍ୟୁନାରି ବେଲୁନ୍ ଭାଲ୍‌ଭେଟୋରି, ଟ୍ରିକ୍ୟୁସ୍ପିଡ୍ ଆଟ୍ରୋସିଆ ଭଳି ଅନେକ ଅସ୍ତ୍ରୋପଚାର ଚିକିତ୍ସା ରାଜ୍ୟରେ ସମ୍ଭବ ହୋଇପାରୁନି। ଏଥିପାଇଁ ରାଜ୍ୟ ସରକାରଙ୍କ ବୁଝାମଣା ଅନୁଯାୟୀ ଶିଶୁରୋଗୀଙ୍କୁ ସତ୍ୟସାଇ ହସ୍ପିଟାଲ-ଅହମଦାବାଦ୍, ରବୀନ୍ଦ୍ରନାଥ ଟାଗୋର ଇଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସ-ହାୱ୍ୱାଡା, ମିସନ ହସ୍ପିଟାଲ-ଦୁର୍ଗାପୁର, ଏସ୍‌ଆରସିସି ହସ୍ପିଟାଲ-ମୁମ୍ବାଇକୁ ଯିବାକୁ ପଡୁଛି। ୨୦୨୩, ଜାନୁଆରିରୁ ଅକ୍ଟୋବର ମଧ୍ୟରେ ଏସ୍‌ଆରସିସି ହସ୍ପିଟାଲ-ମୁମ୍ବାଇକୁ ୩୪ଜଣ ଶିଶୁ ହୃଦ୍‌ରୋଗୀ, ସତ୍ୟସାଇ ହସ୍ପିଟାଲ-ଅହମଦାବାଦ୍‌କୁ ୧୨, ରବୀନ୍ଦ୍ରନାଥ ଟାଗୋର ଇଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସ-ହାୱ୍ୱାଡାକୁ ୨, ମିସନ ହସ୍ପିଟାଲ-ଦୁର୍ଗାପୁରକୁ ୧୦ ଶିଶୁ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି।

ଏଭଳି ସ୍ଥିତି ସଂପର୍କରେ ମତ ଦେଇ ଏସ୍‌ସିବି ମେଡିକାଲ କାର୍ଡିଓଥୋରାସିସ୍ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ମନୋଜ କୁମାର ପଟ୍ଟନାୟକ କହିଛନ୍ତି ଯେ ନିର୍ଦ୍ଦିଷ୍ଟ କିଛି ଚିକିତ୍ସାକୁ ବାଦ ଦେଲେ ଶିଶୁ ହୃଦ୍‌ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଏସ୍‌ସିବିରେ ବ୍ୟବସ୍ଥା କି ଉପକରଣ ନାହିଁ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଆବଶ୍ୟକ। ୨୪ ଘଣ୍ଟା ଆଇସିୟୁରେ ଶିଶୁ ରୋଗୀଙ୍କ ନିରୀକ୍ଷଣ ଜରୁରୀ। ଏଥିପାଇଁ ଅଧିକ ମାନବସମ୍ବଳ ସହ ଉନ୍ନତ ଭିତ୍ତିଭୂମିର ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ କେଉଁଠି ବି ଏ ବ୍ୟବସ୍ଥା ନଥିବାରୁ ଶିଶୁ ରୋଗୀଙ୍କୁ ରାଜ୍ୟ ବାହାର ହସ୍ପିଟାଲକୁ ପଠାଯାଉଛି। ଯଦିଓ ରାଜ୍ୟ ସରକାର ଶିଶୁର ଚିକିତ୍ସା ଖର୍ଚ୍ଚ ବହନ କରୁଛନ୍ତି କିନ୍ତୁ ଏଥିପାଇଁ ଶିଶୁର ଅଭିଭାବକ ବାହାର ରାଜ୍ୟକୁ ଯାଉଥିବାରୁ ସେମାନଙ୍କୁ ଲକ୍ଷାଧିକ ଟଙ୍କାର ଖର୍ଚ୍ଚ ବହନ କରିବାକୁ ପଡୁଛି। ଏସ୍‌ସିବିକୁ ଏମ୍‌ସ ପ୍ଲସ୍ କରିବା ପାଇଁ ଭିତ୍ତିଭୂମି ନିର୍ମାଣ ଚାଲିଥିବା ବେଳେ ଶିଶୁ ହୃଦରୋଗୀଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ରାଜ୍ୟରେ ନହୋଇ ପାରିବା ଘଟଣା ଚିକିତ୍ସା ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଉଛି।

ବନ୍ଦ ହେଲା ବ୍ରହ୍ମପୁର ସ୍ୱତନ୍ତ୍ର ବିଦ୍ୟୁତ ଥାନା

ଗଞ୍ଜାମ, ୪/୧୧ (ନି.ପ୍ର): ସାରା ରାଜ୍ୟରେ ଥିବା ୩୪ଟି ସ୍ୱତନ୍ତ୍ର ବିଦ୍ୟୁତ ଥାନାକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତି ନେଇଥବା ଜଣାପଡିଛି । ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଚିଠି ଆସିବା ପରେ ସ୍ଥାନୀୟ ଜିଲ୍ଲା ପୋଲିସ ପକ୍ଷରୁ ମଧ୍ୟ ପଦକ୍ଷେପ ନିଆଯାଇଛି । ବ୍ରହ୍ମପୁର କର୍ପୋରେସନ ରୋଡରେ ପୂର୍ବରୁ ଥିବା ସ୍ୱତନ୍ତ୍ର ବିଦ୍ୟୁତ ଥାନାକୁ ବନ୍ଦ କରାଯିବା ସହ ସେଠାରେ ନିୟୋଜିତ ଥିବା ପୋଲିସ କର୍ମଚାରୀଙ୍କୁ ଅନ୍ୟତ୍ର ନିୟୋଜିତ କରାଯାଇଥିବା ସୂଚନା ମିଳିଛି । କିଛି ମାସ ହେବ ଏହି ଥାନାର ଦାୟୀତ୍ୱ ବଡବଜାର ଥାନା ଅଧିକାରୀଙ୍କୁ ଦିଆଯାଇଥିଲା । ଗତ ସେପ୍ଟେମ୍ବରରେ ରାଜ୍ୟ ସରକାର ନିଷ୍ପତି ମୁତାବକ ଏହି ଥାନାକୁ ବନ୍ଦ କରାଯାଇଥିବା ବ୍ରହ୍ମପୁର ଏସପି ଡଃ. ସର୍ବଣା ବିବେକ ଏମ କହିଛନ୍ତି।

ଅନ୍ୟପକ୍ଷରେ ବିଦ୍ୟୁତ ସମ୍ପର୍କିତ ଯେକୌଣସି ଅପରାଧ ମାମଲା ଏବେ ଅନ୍ୟ ଥାନାରେ ରୁଜୁ ହୋଇପାରିବ ।

ରାଇରଙ୍ଗପୁରରେ ସର୍କିଟ୍ ହାଉସ୍ ନିର୍ମାଣ କାର୍ଯ୍ୟ ସରିବ କେବେ ?

ରାଇରଙ୍ଗପୁର, ୪/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ମାଟିର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଗସ୍ତ, ରହଣି ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଷ୍ଟ୍ରପତି ତାଙ୍କ ବର୍ତ୍ତମାନର ବାସସ୍ଥାନ ରାଇରଙ୍ଗପୁରକୁ ଗତ ମେ' ମାସରେ ପ୍ରଥମ ଥର ପାଇଁ ରାଇରଙ୍ଗପୁର ଗସ୍ତରେ ଆସିଥିଲେ। ତେବେ ସର୍କିଟ୍ ହାଉସ୍ ନ ଥିବାରୁ ରାଷ୍ଟ୍ରପତିଙ୍କ ରାତ୍ରୀଯାପନ ନିମନ୍ତେ ମହୁଲଡିହାସ୍ଥ ପୂର୍ତ ବିଭାଗର ଡାକବଙ୍ଗଳାରେ ରହିବାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସେ ଡାକବଙ୍ଗଳାରେ ରାତ୍ରୀଯାପନ ନକରି ରାଇରଙ୍ଗପୁରସ୍ଥ ବାସଭବନରେ ରାତ୍ରୀଯାପନ କରିଥିଲେ। ତେବେ ସରକାରୀ ନିୟମାନୁଯାୟୀ ରାଇରଙ୍ଗପୁରକୁ ଗସ୍ତ କଲେ ତାଙ୍କ ରହଣି ନେଇ ତଥା ଆନୁସଙ୍ଗିକ ବ୍ୟବସ୍ଥା ନେଇ କିମ୍ବା ଏକ ସର୍କିଟ୍ ହାଉସ୍ ନିର୍ମାଣ ପାଇଁ ପ୍ରଶାସନିକ ପ୍ରସ୍ତୁତି ହୋଇଥିଲା। ଏନେଇ ଗତ ଅଗଷ୍ଟ ମାସରେ ରାଇରଙ୍ଗପୁର ସହର ଉପକଣ୍ଠ ରାଇରଙ୍ଗପୁର ତହସିଲର ବାସଭବନକୁ ଲାଗି ପୂର୍ତ ବିଭାଗ ଡାକବଙ୍ଗଳା ରାସ୍ତାର ମହୁଲଡିହା ମୌଜାରେ ଜମି ଆବଣ୍ଟନ ହୋଇଥିଲା। ଏନେଇ କେନ୍ଦ୍ରୀୟ ପିଡବ୍ଲ୍ୟୁଡି ଏବଂ ସିପିଡବ୍ଲ୍ୟୁଡି ବିଭାଗ ତରଫରୁ ସ୍ୱତନ୍ତ୍ର ସ୍ଥାନରେ ପ୍ରଥମ ପର୍ଯ୍ୟାୟରେ ୧୧ କୋଟି ଓ ୬.୮୦ କୋଟି ଟଙ୍କାର ସର୍କିଟ୍ ହା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ନଭେମ୍ବର ୨୦୨୩
email : rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ ଉପନ୍ୟାସ

ଡ.ଭାଗବତ ବେହେରା

ବୈଦେହୀ

'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୫

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସେଠାରେ ଅନେକ ମୁନି, ଋଷି, ସାଧୁସନ୍ଥଙ୍କ ସହିତ ଅଯୋଧ୍ୟାର ପ୍ରଜାକୁଳ ଅପେକ୍ଷା କରିଛନ୍ତି ତାଙ୍କର ଭାବି ରାଜା ଶ୍ରୀରାମଙ୍କ ପତ୍ନୀ ସୀତାଙ୍କୁ ଦର୍ଶନ କରିବାପାଇଁ। ସେଠାରେ ସୀତା କିଛି ସମୟ କଟାଇବା ପରେ ତାକୁ ଅନ୍ତଃପୁରର ହୋମସ୍ଥଳକୁ ନେଇ ଆସିବ । ଯଜ୍ଞପରେ ବାସର ବିଧାନ ଯାହା ହେବାର କଥା ପରିଚାରିକାକୁ କହି ତୁମେ ତୁଲାଇଦେବ ।

ଜ୍ୟେଷ୍ଠା ଶାଶୁଙ୍କ ଆଦେଶ ପାଇ ମୋ ଶାଶୁ କୈକେୟୀ, ସୁମିତ୍ରାଦେବୀ ମୋତେ ଆଣି ପୂର୍ବ ପ୍ରସ୍ତୁତ ମଣ୍ଡପ ଉପରେ ବସାଇ ଦେଇଥିଲେ। ମଣ୍ଡପର ଶୋଭା ଜନମନକୁ ମୋହି ନେଉଥାଏ । ସେ ମଣ୍ଡପ ଦେଖି ମୁଁ ଅଭିଭୂତ ହୋଇ ପଡୁଥାଏ । ଅଯୋଧ୍ୟାର କାରିଗରମାନେ ବହୁ ସମୟ ଦେଇ ମଣ୍ଡପଟିକୁ ନିର୍ମାଣ କରିଛନ୍ତି । ମଣ୍ଡପ ଚାରିପାର୍ଶ୍ୱରେ ଷୋଳଷୋଳ କରି ପୂର୍ଣ୍ଣ ସୁବର୍ଣ୍ଣ କୁମ୍ଭମାନ ସ୍ଥାପନ କରାଯାଇଛି । ଅସୁମାରୀ ଫୁଲ ବିଛେଇ ହୋଇପଡ଼ିଛି ମଣ୍ଡପ ତଥା ମଣ୍ଡପ ବାହାରେ । ପରିଚାରିକାମାନେ ମଣ୍ଡପ ଚାରିପାରୁଶରେ ରହି ବ୍ୟଜନ କରୁଥାନ୍ତି । ରାଜ ଅନ୍ତଃପୁରରୁ ମଣ୍ଡପ ପର୍ଯ୍ୟନ୍ତ ବିଛାଇ ଦିଆଯାଇଛି ଫୁଲର ନରମ ଆସ୍ତରଣ । ତାହାରି ଉପରେ ପାଦ ଥାପିଥାପି ମଣ୍ଡପରେ ବିଜେ କରିଥିଲି ମୁଁ । ମୋତେ ମଣ୍ଡପ ଉପରେ ଦେଖି ମହର୍ଷି ବିଶ୍ୱାମିତ୍ର କହିଥିଲେ, ରାମଙ୍କୁ ଆଣି ସୀତାଙ୍କ ଦକ୍ଷିଣପାର୍ଶ୍ୱରେ ଉପବେଶନ କରାଅ । ମହର୍ଷିଙ୍କ ଠାରୁ ଆଜ୍ଞା ପାଇ ସେ ଆସି ମୋ ପାଖରେ ବସିବା କ୍ଷଣି ରୁଣ୍ଡିଭୂତ ଜନତା ଜୟ ସୀତାରାମଙ୍କ ଜୟ ଧ୍ୱନିରେ ସେ ସ୍ଥାନକୁ କମ୍ପାଇ ଦେଲେ । ଏସବୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଥିବାବେଳେ, ମୋ ସ୍ୱାମୀ ଦାନ୍ତ ଚିପିଚିପି ଅଧରରେ ସ୍ମିତ ହାସ ପ୍ରକାଶ କରୁଥା'ନ୍ତି । ସେ ସ୍ଥାନର ଏତେ ଲୋକ ଗହଳ ଦେଖି ମହର୍ଷି ବିଶ୍ୱାମିତ୍ର କହିଥିଲେ, ମହାରାଜ ଦଶରଥ ଜନତା ଏଭଳି ହେଲେ ଏ ସ୍ଥାନରେ ଗଣ୍ଡଗୋଳ ସୃଷ୍ଟି ହୋଇପାରେ । ତୁମେ ସୈନ୍ୟସାମନ୍ତଙ୍କୁ ଆଦେଶ ଦେଇ ଲୋକଙ୍କୁ ଧାଡ଼ିରେ ଆସି ବରକନ୍ୟାଙ୍କୁ ଦେଖିଯିବାର ଆୟୋଜନ କର । ତାହାହିଁ ହେଲା । ପିମ୍ପୁଡ଼ି ଧାଡ଼ିବାନ୍ଧିବା ଭଳି ଲୋକେ ସବୁ ଧାଡ଼ି କ୍ରମରେ ଆସି ଆମକୁ ଦେଖି ଯାଉଥିଲେ । ପ୍ରଥମେ ମୁନିଋଷି, ସାଧୁସନ୍ଥ ମାନେ ଆସି ଆମକୁ ଦେଖି ଦୀର୍ଘାୟୁ ହୁଅ ମାଆ ଲକ୍ଷ୍ମୀ, ଧନବତୀ, ପୁତ୍ରବତୀ ହୁଅ ବୋଲି ଆଶୀର୍ବାଦ କରି କହୁଥିଲେ, ରାମ ସୀତାଙ୍କର ଦାମ୍ପତ୍ୟ ଜୀବନର ସୁଖମୟ, ମଧୁମୟ, ରସମୟ, ପ୍ରେମମୟ, ଭାବମୟ ହେଉ । ମୁନିଋଷିଙ୍କ ପରେ ଆମନ୍ତ୍ରିତ ରାଜା ମହାରାଜାମାନେ ନାନାପ୍ରକାରର ଉପଢୌକନ ପାଟବସ୍ତ୍ର ସ୍ୱର୍ଣ୍ଣାଳଙ୍କାରମାନ ଦେଇଯାଉଥିଲେ । ମୋ ସ୍ୱାମୀ ସେସବୁ ପସନ୍ଦ କରୁନଥିଲେ । ସେ ଯେତେ ନାସ୍ତି କଲେ ମଧ୍ୟ ନିମନ୍ତ୍ରିତ ଅତିଥିମାନେ କିଛି ନଶୁଣି ଉପହାର ସବୁ ଗଦା କରି ଦେଉଥାନ୍ତି। ଓଢ଼ଣା ଭିତରୁ ମୁଁ ସବୁ ଦେଖୁଥାଏ। ହଠାତ୍ ଏମିତି ଏକ ଦୃଶ୍ୟ ମୁଁ ଦେଖିଲି ପ୍ରୀତିଦା, ଯାହା ଦେଖି ମୋର ସମଗ୍ର ଶରୀର କମ୍ପି ଉଠିଲା। କ'ଣ ମୁଁ ଆଖିରେ ଦେଖୁଛି । ସ୍ୱୟଂ ଭବାନୀ ଛଦ୍ମବେଶରେ ଆସି ମୋ ପାଖରେ ପହଞ୍ଚି କହୁଛନ୍ତି, "ଆଗୋ ସତୀ ଶିରୋମଣି ମାଆ ଜାନକୀ । ତୁମକୁ ଦେଖି ନେତ୍ର ଆମର ପବିତ୍ର ହୋଇଯାଉଛି । ମାନବ ରୂପରେ ଯେ ଲକ୍ଷ୍ମୀନାରାଣଙ୍କୁ ଆମେ ଏକତ୍ର ଦେଖିବୁ, ତାହା ଆମେ କେବେ କଳ୍ପନା କରି ନଥିଲୁ । ଆଜି ଜୀବନ ଆମର ଧନ୍ୟ ହୋଇଗଲା । ନୟନ ମନ ଚରିତାର୍ଥ ହେଲା । ତୁମ ପାଇଁ ଆମେ କିଛି ଆଣିପାରି ନାହୁଁ ମା' ମୈଥିଳୀ । କେବଳ ଆଶୀର୍ବାଦ ବ୍ୟତୀତ ଆମେ ତୁମକୁ କ'ଣ ଦେବୁ ? ମୁଁ ତୁମକୁ ଏତିକି କହିଯାଉଛି ମା', ସଂସାର ଭିତରେ ଘର କରିଥିଲେ କେତେ ବିପଦ ଆପଦ ଆସିବ, ସେ ସବୁକୁ ତୁମେ ସ୍ୱାମୀ ସ୍ତ୍ରୀ ଧୈର୍ଯ୍ୟଧରି ସାମନା କରିବ ।" ଆମକୁ ଆଶୀର୍ବାଦ କରି ଶିବପାର୍ବତୀ ଗଲାବେଳେ ତାଙ୍କ ପଛକୁ ଚତୁର୍ମୁଖ ବ୍ରହ୍ମା ପତ୍ନୀ ଗାୟତ୍ରୀଙ୍କ ସହିତ ଚାଲିଛନ୍ତି ଆମକୁ ଦେଖିବା ପାଇଁ । ତାଙ୍କ ପଛୁ ଯମ, କୁବେର, ବରୁଣ, ଚନ୍ଦ୍ର ଆଦି ଦେବ ଦେବପତ୍ନୀଙ୍କୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଥାଏ । ମୁଁ ଭାବୁଥାଏ ଲୋକେ ଏମାନଙ୍କୁ ଦେଖି କିଛି କହୁନଥାନ୍ତି କେମିତି ? ମୁଁ ଆଶ୍ଚର୍ଯ୍ୟ ହୋଇ ସ୍ୱାମୀଙ୍କୁ ଚୁପିଚୁପି ଓଢ଼ଣା ଭିତରେ ମୁହଁ ଲୁଚାଇ ପଚାରୁଥାଏ, ମୁଁ ଯାହା ଦେଖୁଛି ଆପଣ କ'ଣ ତାହା ଦେଖୁଛନ୍ତି ସ୍ୱାମୀ । ମୋ କଥା ଶୁଣି ହସିହସି ସେ କହୁଥାନ୍ତି ତୁମେ କ'ଣ ଦେଖୁଛ ମୁଁ ଜାଣେନା ଦେବୀ । ମୁଁ କିନ୍ତୁ ଦେଖୁଛି ମୋ ଆଯୋଧ୍ୟାର ଅଗଣିତ ପ୍ରଜାକୁଳ କେତେ ସରାଗରେ ଆମକୁ ଦେଖିବାପାଇଁ ଧାଡ଼ିବାନ୍ଧି ଆସୁଛନ୍ତି । ବୃଦ୍ଧ ବୃଦ୍ଧା ଠାରୁ ଆରମ୍ଭ କରି ଯୁବକ ଯୁବତୀ କେତେ ଆନନ୍ଦରେ ଆମକୁ ଦେଖିବାପାଇଁ ଧାଇଁ ଆସୁଛନ୍ତି । କିଏ ଫୁଲଟିଏ ଦେଇ ଆଶୀର୍ବାଦ କରୁଛି ତ କିଏ ଫଳଟିଏ । ଆମଠୁଁ ସାନ ବୟସର ଯୁବକ ଯୁବତୀ ଆମ ପାଦଛୁଇଁ ପ୍ରଣାମ କରି ଯାଉଛନ୍ତି । ସଭିଙ୍କ ତୁଣ୍ଡରେ ତ ତୁମରି ପ୍ରଶଂସା । ତୁମକୁ କିଏ ପୂର୍ଣ୍ଣମୀ ଚାନ୍ଦ କହୁଛି ତ କିଏ ସୁନା ପଦ୍ମ ବୋଲି କହୁଛି । କିଏ ରମ୍ଭା, ଉର୍ବଶୀ, ମେନକା ଠାରୁ ତୁମେ ଆହୁରି ସୁନ୍ଦର ବୋଲି କହୁଛି କିଏ କହୁଛି ଏ ମର୍ତ୍ତ୍ୟର ନାରୀ ନୁହେଁ ସ୍ୱର୍ଗର ଦେବୀ ।

ସତରେ ମୁଁ କେତେ ଭାଗ୍ୟବାନ ତୁମେ ଜାଣ ଜାନକୀ । କେଉଁ ଜନ୍ମର ସୁକୃତରୁ ତୁମ ହାତଧରିଛି ମୁଁ । ଏତେ କୋମଳ, ଏତେ ମଧୁର, ଏତେ ଲଳିତ ସ୍ୱରରେ ସେ ମୋର ପ୍ରଶଂସା କରୁଥାନ୍ତି ଯେ ସେ ପ୍ରଶଂସା ଶୁଣି ନେତ୍ର ମୋର ମୁଦି ହୋଇ ଆସୁଥାଏ । ମୋ ଅଜାଣତରେ ମୋ ନେତ୍ରରୁ ଧାରଧାର ହୋଇ ଅଶ୍ରୁ ବହିଯାଉଥାଏ।

ଏମିତି ଏମିତିରେ ବଧୂ ଦେଖା କାର୍ଯ୍ୟ ସମାପନ ହେଲା । ସେ ବେଦୀରୁ ମୋ ହାତଧରି ଆଣି ପରିଚାରିକା ମାନେ ମୋତେ ଅନ୍ତଃପୁର ମଧ୍ୟରେ ପହଞ୍ଚାଇ ଦେଇଥିଲେ । ସେଠାରେ ମହର୍ଷି ବିଶ୍ୱାମିତ୍ରଙ୍କ ସହ ଅଯୋଧ୍ୟାର କୁଳ ପୁରୋହିତ ମାନେ ଆମକୁ ପ୍ରତୀକ୍ଷା କରି ରହିଥାନ୍ତି। ଆମକୁ ସେଠାରେ ପହଞ୍ଚାଇ ଦିଅନ୍ତେ ସୋମନେ ଯଜ୍ଞାନୁଷ୍ଠାନ ଆରମ୍ଭ କରିଥିଲେ । ପ୍ରଭୁଙ୍କ ପାଖରେ ମୋତେ ବସାଇ ଦିଆଯାଇ ହୋମକୁମଣ୍ଡକୁ ସମିଧ ନିକ୍ଷେପ କରିବା ପାଇଁ ମହର୍ଷି ନିର୍ଦ୍ଦେଶ ଦେଉଥାନ୍ତି । ଦୁଇହାତ ସହ ଦୁଇହାତ ମିଶି ଚାରିହାତ ଏକ ହାତ ହୋଇ ଆମେ ଅଗ୍ନିରେ ସମିଧ ନିକ୍ଷେପ କରୁଥାଉ । ସେ ବେଳର ମୋ ମନର ଅବସ୍ଥା କଥା ମୁଁ ଶବ୍ଦରେ ବର୍ଣ୍ଣିପାରିବି ନାହିଁ ସୁଧାମୟୀ । ଗୋଟାଏ ବାକ୍ୟରେ କହିବି, ସେତେବେଳେ ମୁଁ ମନେ କରୁଥାଏ ସତେଯେମିତି ସ୍ୱର୍ଗର ସମସ୍ତ ଅମୃତ ସେହି ସମୟ ପାଇଁ ହସ୍ତ ଆଞ୍ଜୁଳାରେ ଝରିପଡୁଛି ଆଉ ସେ ଅମୃତକୁ ମନ ନୟନରେ ମୁଁ ଆକଣ୍ଠ ପାନକରି ଯାଉଛି । ଏତେ ସୁଖ, ଏତେ ଆନନ୍ଦ, ଏତେ ଦିବ୍ୟ ଭାବନା ଯେ ଅଭାଗିନୀ ସୀତା ଭାଗ୍ୟରେ ଝରି ପଡ଼ିଥିଲା, ତାହା ଆଜି ଭାବିଲା ବେଳକୁ ମୋତେ ମନେହେଉଛି ମୁଁ ଯେମିତି ଦିବାସ୍ୱପ୍ନ ଦେଖୁଥିଲି।

ବାସର ହୋମ ସରିଲା । ମହର୍ଷି ଆଦେଶ ଦେଲେ କୌଶଲ୍ୟା, ବରବଧୂକୁ ଏବେ ଏ ଯଜ୍ଞସ୍ଥଳରୁ ନେଇ ଯାଅ ।

ଆଦେଶ ମାତ୍ରକେ ମାତା କୌଶଲ୍ୟା, କୈକେୟୀ, ସୁମିତ୍ରା ମୋତେ ତାଙ୍କ ପାଖରୁ ଅଲଗା କରିନେଇ ଯାଇଥିଲେ ।

ଏହାପରେ ମୋ ଉପରେ ଆରମ୍ଭ ହୋଇଥିଲା ମୃଦୁମୃଦୁ ସୁଧା ବର୍ଷା ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

ସ୍ମୃତିକଥା...

ଦକ୍ଷିଣେଶ୍ୱର ମନ୍ଦିରରେ ମାଁ କାଳୀଙ୍କ ଦର୍ଶନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାମକୃଷ୍ଣଙ୍କ ଉଭୟ ଆଖିରୁ ଝରି ପଡୁଛି ଧାରଧାର ଲୁହ । ମାଙ୍କୁ ଜାବୁଡ଼ି ଧରି ସେ ଅଳି କରିଛନ୍ତି - 'ମା ତୁ ପାଖରେ ନଥିଲେ କେମିତି ମୁଁ ଶୋଇ ପାରିବି କୁହନା ?

"ପାଗଳଟା। ମୁଁ ତ ସବୁବେଳେ ତୋ ପାଖରେ, ତୋ ଭିତରେ ଅଛି ।' ଏତିକି କହି ମାଁ ରାମକୃଷ୍ଣଙ୍କୁ ଟାଣି ଆଣୁଛନ୍ତି କୋଳ ଉପରକୁ।

ଏପରି ଘଟଣା କୌଣସି ପୁସ୍ତକରେ ମୁଁ ପଢ଼ିନାହିଁ । କିମ୍ବା ଏହାକୁ ମନର ଏକ କଳ୍ପନା ବୋଲି ଭାବି ପାରୁନାହିଁ । ଏଭଳି ଗୋଟିଏ ନୁହେଁ କେତେ କେତେ ଦୃଶ୍ୟ ସେ ପରିସରରେ ମନ ଭିତରେ ଜୀବନ୍ତ ହୋଇ ଉଠିଲା ପରି ଲାଗୁଥାଏ ।

ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମନ୍ଦିର ଖୋଲିଲା। ପ୍ରଥମେ ରାମକୃଷ୍ଣଙ୍କ କକ୍ଷ ଦର୍ଶନ କଲୁ । ଭିତରେ ସେ ବ୍ୟବହାର କରୁଥିବା ଖଟ ଦୁଇଟି ସଜ୍ଜିତ ହୋଇ ରହିଛି। ଏହି କୋଠରୀଟିକୁ ଦେଖିବା ପାଇଁ ମନେ ମନେ କେତେ ଦିନରୁ ଅପେକ୍ଷା କରିଥିଲି । ଏବେ ସେଇ ବହୁ ପ୍ରତୀକ୍ଷିତ ପ୍ରକୋଷ୍ଠ ଭିତରକୁ ମୁଁ ପ୍ରବେଶ କରୁଛି ବୋଲି ଭାବି ଦେବା ମାତ୍ରକେ ଅନ୍ତରାତ୍ମାରେ ଜାତ ହେଇଥାଏ ବିଦ୍ୟ ଆନନ୍ଦ । ଅପୂର୍ବ ପୁଲକରେ ଭରି ଯାଉଥାଏ ମନ। ପ୍ରକୋଷ୍ଠ ଭିତରକୁ ପ୍ରବେଶ କରୁ କରୁ ଏକ ଅଦ୍ଭୁତ ଅନିର୍ବଚନୀୟ ଶୀତଳତା ଯେମିତି ମୋ ଉପରକୁ ଓହ୍ଲାଇ ଆସିଲା। ହୃଦୟର ସବୁ ଉତ୍ତାପ ଉଭେଇ ଯାଉଥିଲା। କ୍ଷଣେ ନୀରବ ହୋଇ ଆଖି ବୁଜି ଧ୍ୟାନସ୍ଥ ହେଲି। ପାଖରେ ସେହିପରି ଧ୍ୟାନ ମୁଦ୍ରାରେ ବସିରହିଥାନ୍ତି ଅନେକ ଭକ୍ତ। ଆଖି ଖୋଲିବାକୁ ଇଚ୍ଛା ହେଉନଥାଏ । ସେହିପରି ପ୍ରକୋଷ୍ଠଟି ମଧ୍ୟରୁ ବାହାରକୁ ଆସିବା ପାଇଁ ଆଦୌ ମନ ଲାଗୁନଥାଏ ।

ଏହି କୋଠରୀରେ ରାମକୃଷ୍ଣ ପରମହଂସ ବସୁଥିଲେ, ଏଇଠି ବିଶ୍ରାମ ନେଉଥିଲେ। ବିବେକାନନ୍ଦ କଲେଜ ଛାତ୍ର ଥିବାବେଳେ ଏକ ଅଦ୍ଭୁତ ଆକର୍ଷଣରେ ଧାଇଁ ଆସୁଥିଲେ ଏଠାକୁ । ଏଇଠି, ଏଇ ପ୍ରକୋଷ୍ଠ ଭିତରେ ରାମକୃଷ୍ଣ ଓ ବିବେକାନନ୍ଦଙ୍କ ମଧ୍ୟରେ କେତେ ଦିବ୍ୟ ଆଳାପ ହୋଇଥିବ। ରାମକୃଷ୍ଣ ବିବେକାନନ୍ଦଙ୍କ ଅନ୍ତରାତ୍ମାକୁ ଦେଖି ପାରୁଥିବେ ସ୍ପଷ୍ଟ ଭାବରେ। ବିବେକାନନ୍ଦ ଏକ ଅଲୌକିକ ପ୍ରେମରେ ଆକର୍ଷିତ ହୋଇ ବାନ୍ଧି ହୋଇଯାଉଥିବେ ରାମକୃଷ୍ଣଙ୍କ ସହ ଏସବୁ କଥା ଭାବୁଥିବାବେଳେ ଭାବନାର ଖିଅ ଛିଣ୍ଡାଇ ଦେବାକୁ ଚାହୁଁ ନଥିଲି । ତଥାପି ସେ କୋଠରୀରୁ ବାହାରି ଆସିବାକୁ ହେଲା। ସେଇ ପବିତ୍ର ପ୍ରକୋଷ୍ଠକୁ ଛାଡ଼ି ଦେଇ ଆସିଲି ନାହିଁ, ତାକୁ ପ୍ରକୃତରେ ଅନ୍ତର ଭିତରେ ଧରିନେଇ ଆସିଲି। ହୃଦୟ ଭିତରେ ଏହି ପ୍ରକୋଷ୍ଠଟିକୁ ନେଇଯାଇ ପାରିଲେ ଜୀବନର ଅନେକ ଅଶାନ୍ତ ବେଳାରେ ଏହାରି ମଧ୍ୟକୁ ପ୍ରବେଶ କରିହେବ ଅନାୟାସରେ, ଏହି ଭରସାରେ ହିଁ ତାହାକୁ ନିଜ ଅନ୍ତରରେ ଧରି ରଖିଲି।

ତାପରେ ଗଲି ମାଁଙ୍କୁ ଦେଖିବା ଲାଗି। ଏଇଥିପାଇଁ ତ ବର୍ଷବର୍ଷ ଧରି ଅପେକ୍ଷା କରି ରହିଥିଲି । ମୋ ଭିତରେ ସେତେବେଳେ କି ବ୍ୟଗ୍ରତା ! କି ଅଧୀରତା ! କିନ୍ତୁ ସଞ୍ଜମ ରକ୍ଷା କରି ଧୀରେ ଧୀରେ ନିକଟବର୍ତ୍ତୀ ହେଲି ତାଙ୍କର। ଏହି ସେହି ପ୍ରତିମା ଯାହା ରାମକୃଷ୍ଣ ପରମହଂସଙ୍କ ସ୍ପର୍ଶରେ ଜୀବନ୍ତ ହୋଇଉଠିଥିଲେ। ଏହି ମାତୃ ମୂର୍ତ୍ତି ଆଗରେ ରାମକୃଷ୍ଣ ପୂଜା କରୁଥିଲେ ତନ୍ମୟ ଚିତ୍ତରେ। କେତେବେଳେ ମାଁଙ୍କୁ ପ୍ରସାଦ ଦେବା ପୂର୍ବରୁ ନିଜେ ତାହା ଭକ୍ଷଣ କରୁଥିଲେ, ତ କେତେବେଳେ ମାଁଙ୍କୁ ଅର୍ଚ୍ଚନା କରୁ କରୁ ନିଜେ ପୁଷ୍ପ ବିଭୂଷିତ ହୋଇ ଯାଉଥିଲେ। ଆଉ ପୁଣି ମାଁଙ୍କୁ କେତେବେଳେ ନିଜେ ଖୁଆଇ ଦେଉଥିଲେ ତାଙ୍କ ହାତରେ । ଏହି ସେହି କରୁଣାମୟୀଙ୍କ ଜୀବନ୍ତ ପ୍ରତିମା । ରାମକୃଷ୍ଣଙ୍କ ଅଲୌକିକ ପୂଜାର କଥା ସ୍ମରଣ କରୁ କରୁ ଆଉ ସେହି ମହାନ ମାତୃମୂର୍ତ୍ତିଙ୍କୁ ଦେଖୁ ଦେଖୁ ଅନ୍ତର ଭିତରେ କହିଉଠିଲି: 'ମାଁ । ତୁମେ ତ ଜାଣୁଥିବ କେତେ ଦିନରୁ ତୁମକୁ ଦେଖିବି ବୋଲି ଅପେକ୍ଷା କରି ରହିଛି । ଆଜି ଏହି ମୁହୂର୍ତ୍ତରେ କଣ, କିପରି ବା କହିବି ହୃଦୟର ସବୁ କଥା। ତୁମକୁ ହିଁ ତ କଥା କହି କହି ରାତିରେ ଶୋଇ ପଡ଼ିଛି । କେତେଥର ତୁମେ ସ୍ନେହରେ, ମମତାରେ, ମୁଣ୍ଡ ଆଉଁସି ଦେଇଛ । ତୁମରି କୋଳରେ ମୁଣ୍ଡ ରଖି ଜୀବନର ସବୁ ଦୁଃଖ ଆଉ ବିଷାଦକୁ ଭୁଲିଛି । ଭିତରେ ଭିତରେ କେତେ ବ୍ୟାକୁଳ ଚିତ୍ତରେ ଡାକିଛି ତୁମକୁ। ଆସ ମାଁ, ତୁମର ଏଇ ଅକ୍ଷମ ଅଯୋଗ୍ୟ ସନ୍ତାନକୁ ନେଇଯାଅ ବୋଲି କେତେଥର ମିନତି କରିଛି । ସବୁ ତ ଜାଣ ତୁମେ । ଆଉ କଣ ଅବା କହିବି । ଆଜି ମନ୍ଦିରକୁ ଆସିବା ବେଳେ ତୁମ ପାଇଁ ଭୋଗ ଆଣିନାହିଁ । ତୁମ ଉଦ୍ଦେଶ୍ୟରେ ଅର୍ପିତ ହେବାକୁ ମୁଁ ନିଜେ ଆସିଛି । ତୁମର ସନ୍ତାନକୁ ତୁମେ ଗ୍ରହଣ କର ମା'।

(କ୍ରମଶଃ...)

ଭିଜିଟିଙ୍ଗ ପ୍ରଫେସର, ଓଡିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ମୋ:୯୯୩୭୩୬୫୬୯୮

କବିତା...

॥ ସଭା ॥

ସତ୍ୟ ସାହୁ



ମୁଁ ଜାଣିଥିଲି ଆସିବେନି ବୋଲି
ଦନ୍ତୁର ଥିଲା ନଈପଠା
ପାଦ ରକ୍ତକୁ ଭାରି ଲୋଭ ନଈର
ଆହାର ସଞ୍ଚେ, ସ୍ୱଜନେ ସ୍ୱାହା
ଯଦିଓ ଟିପାଆଲ ଆଣିବାର ଥିଲା

ବେଳେବେଳେ ମୁଁ ରହେନି ନିଜ ଭିତରେ
ଫେରିଯାଏ ମାତୃଗର୍ଭକୁ
ଶୁଣେ ସହସ୍ର ସ୍ୱର୍ଗବୀଣାର ଝଙ୍କାର
ହାତରେ ନକ୍ଷତ୍ର ମଶାଲ ?
ଉଣ୍ଡି ହୁଏ ପୃଥିବୀର କଫିନ ଭିତରେ
ଶରଣାର୍ଥୀ, ଯାଯାବର । ଜନ୍ମ ଜନ୍ମାନ୍ତର
ଭାଗ୍ୟ ବାସନ୍ଦରେ ମୋର ବହୁଧା ପରିଚୟ

ବେକରୁ ନିଶ୍ୱାସ ଯାଏ ଭର୍ତ୍ତି ଫୁଲମାଳ
ଦସ୍ତଖତ ଅରଣ୍ୟ, ପାଣି ବୋତଲ ଚା'ର ଝଡ଼
ଟ୍ରାଫିକ ଲାଇଟ ପରି ବଡ଼ବଡ଼ ଆଖି
ତଥାପି ଆସନ୍ତିନି ସେମାନେ

ତନ୍ଦ୍ରାବସ୍ଥାରେ ସମୟସହ କୁହୁଡିପହଁରା ଦେବା
ସମାଜସିଂହ ଟିପ୍ପଣୀରେ ଗୋପନ ରହିବା
ସମ୍ବାଦ ଶିରୋନାମା ଲାଳ ଜର୍ଜରିତ ହେବା
ଏକ ଇପ୍ସିତ ବିରାଦରି ତିଆରିବା
ବୁଝିପାରେନା ମୋ 'ଠ' ମନରେ

ମୁଁ ତିଆରି କରିସାରିଛି ସ୍ୱପ୍ନର ହୁଲିଡଙ୍ଗା
ତା'ଠୁ ଆଣିଛି ସହସ୍ର ଓଠର ସ୍ପର୍ଶ,
ଛାତିଏ କଣ୍ଟାର କ୍ଷତ
ହାତରେ କୁରାଢ଼ୀ ଆଉ ମଶାଲ
ନାହିଁ ପରବାଏ ସେମାନଙ୍କ ଆସିବାର
ଛାଇ ମୋ ଇତିହାସ ।

ଝଡ଼ର ସମୀକରଣ ଦେଇଛି
ପ୍ରେମର ଫଗୁଣ
କସ୍ତୁରୀ କସ୍ତୁରୀ ବାସ ମୋ ପାରିଲାପଣ
ଅତ୍ର/ତତ୍ର/ଅନ୍ୟତ୍ର/ସର୍ବତ୍ର
ଖାଲି ମୋ'ରି ଆୟୋଜନ
ଖାଲି ମୋ'ରି ଆୟୋଜନ ।

❤ ବାଲେଶ୍ୱର
(ମୋ) ୭୦୬୪୦୯୯୯୫୯/
୮୯୧୭୨୨୦୬୯୯

॥ ଶୂନ୍ୟ ସମୁଦ୍ର ॥

ନକୁଳ ଚନ୍ଦ୍ର ସାହୁ

ବ୍ରହ୍ମଚକ୍ର ମଧ୍ୟରେ ବିରଜା ମଂଡଳ
କିଂବା-ବିରଜା ମଂଡଳ ମଧ୍ୟରେ ବ୍ରହ୍ମଚକ୍ର
କେଉଁଠି ସେ ଅତିମାନସ
ଇଡା ଓ ପିଂଗଳା ନଦୀତଳେ ଜୀବନର ଶୋଷ !
ଧାଉଁଚି ସତ୍ୱ
ରଜଃ ତ ରାଜାର କୁମର, ତମଃ ଶିବ;
ତ୍ରି ଧାରା, ତ୍ରି ନେତ୍ର, ତ୍ରିଶାଖା
ପଞ୍ଜୁରୀ ବାହାରକୁ କେମିତି ଯିବ ଅପବିତ୍ରା ?

ଅନାଦି ଗୁରୁଙ୍କ ପୁଅ
ଭୂପତିତ ସୁପ୍ରତିଷ୍ଠିତ ମ୍ଳେଚ୍ଛ ଅସୁର
ସେମାନଙ୍କ ଗଳାର ମାଳ ସଂସାର
ସତ୍ୟକୁ ଦିଏ ମାଡ଼ ! କରୁଣାର ପକ୍ଷୀଟି ମୃତ !

ହେ ପରମ କୃପାମୟ
କେମିତି କରିବି ଅତିକ୍ରମ ତୁମରି ଏ' ଶୂନ୍ୟ ସମୁଦ୍ର
ମା' ମୋ ବିଷୟା
ବ୍ୟାଧିର ଲୌହ କଡ଼େଇରେ ଭାଜୁଛି ମୋ ଦେହ !

ଶକ୍ତିମୟୀ ଜନନୀଙ୍କ ନିର୍ବାକ୍ ଆନନ୍ଦ
ପ୍ରାଣକୁ ମୋ କେତେ ଆଉ
ଯଂତ୍ରଣାର ପାଚିଲା ତାଓ୍ୱାରେ ଭାଜିବ
ଅସୀମର ଅଂଶ ଆତ୍ମାକୁ ମୋ ଆଉ କେତେ ଖଂଡ କରିବ ?

❤ଶବ୍ଦଘର, ଗୋଡ଼ିସାହି,
କଟକ-୭୫୪୦୦୬

॥ ମଣିପୁର ॥

ମୂଳ ଅସମୀୟା : ନୀଲିମ କୁମାର
ଅନୁବାଦ : ଶୈଳବାଳା ମହାପାତ୍ର

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୫ ନଭେମ୍ବର ୨୦୨୩

ସାଂପ୍ରତିକୀ

ମାଆର ପାଠଶାଳାରେ ଆଗାମୀର ମଣିଷ

କାଳିକିଙ୍କର

ପୃଥିବୀପୃଷ୍ଠର ସଭ୍ୟ ସମୃଦ୍ଧ ମାନବ ସମାଜରେ ମାଆର ଏକ ସୁନ୍ଦରତମ ପାଠଶାଳା । ଏଠାରେ ମଣିଷ ଶିଶୁ ଭାବରେ ଜନ୍ମହୁଏ, ମାଆଠୁ ଆହାର ଗ୍ରହଣ କରେ, ମାଆର କୋଳରେ ହାତ ଗୋଡ଼ ଅଙ୍ଗ ପ୍ରତ୍ୟଙ୍ଗ ହଲାଏ, ହସର ଫୁଲ ଫୁଟାଏ, ଶବ୍ଦରେ ପ୍ରତିଧ୍ୱନୀ ତୋଳେ, ଆଖିରେ ସ୍ୱପ୍ନ ବିକିରଣ କରେ ଇତ୍ୟାଦି ଇତ୍ୟାଦି । ଶିଶୁଟିଏ ଏହି ପାଠଶାଳାରେ ମାଆର ଆଙ୍ଗୁଠି ଧରି ପ୍ରଥମ ପାଦ ବଢ଼ାଏ ଆଗକୁ, ହାତ ହଲାଇ ଆଗାମୀକୁ ପ୍ରତିଶ୍ରୁତି ଦିଏ, କଥାକହି ଆଶ୍ୱସ୍ତ କରେ ଏବଂ ଭରିଦିଏ ପରିବେଶ ଭିତରେ ସମୟର ସମସ୍ତ ସମ୍ଭାବନା । ବ୍ୟାସ ମହାଭାରତର ସୁଭଦ୍ରାଙ୍କ ଗର୍ଭରେ ଅଭିମନ୍ୟୁର ଯୁଦ୍ଧଶିକ୍ଷା ହେଉ କିମ୍ବା ବାଲ୍ମିକୀ ରାମାୟଣରେ ସୀତାଙ୍କର ଲବକୁଶ ଦୁଇଭାଇଙ୍କର ବିଦ୍ୟାଶିକ୍ଷା ହେଉ, ଏମିତି ଅନେକ କାହାଣୀ ମାଆର ସଫଳତାର ଗୁଣଗାନ କରେ । ଛତ୍ରପତି ଶିବାଜୀ ହୁଅନ୍ତୁ, କିମ୍ବା ମହାରାଜା ରଣଜିତ ସିଂହ ହୁଅନ୍ତୁ, ସମସ୍ତଙ୍କର ଶିକ୍ଷା ଦୀକ୍ଷାର ଉତ୍କର୍ଷର ଭୂମିଥିଲା ମାଆର ପାଠଶାଳା । ବିଶ୍ୱ ବିଜୟୀ ଆଲେକ୍ ଜାଣ୍ଡାର ହୁଅନ୍ତୁ କିମ୍ବା ଫରାସୀ ରାଷ୍ଟ୍ରବିପ୍ଳବର ବୀର ଶିଶୁ ନେପୋଲିଅନ ବୋନାପାର୍ଟ ହୁଅନ୍ତୁ ସମସ୍ତେ ଥିଲେ ମାଆର ପାଠ ଶାଳାର ସୁଯୋଗ୍ୟ ଶିଷ୍ୟ ଏବଂ ହୋଇଥିଲେ ଆଗାମୀର ମଣିଷ । ନେପୋଲିୟନ ଏବଂ ତାଙ୍କ ଭଳି ବହୁ ବିଜ୍ଞାନୀ ଓ ବୀରମାନେ ବହୁବାର ଆଗାମୀର ସମୃଦ୍ଧ ଓ ସୁନ୍ଦର ମଣିଷ ସମାଜର ଗଠନ ପାଇଁ ଉତ୍ତମ ମାଆର ପାଠଶାଳାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି ।

ତେବେ ମାଆ କିଏ ଏବଂ ଶିଶୁଟିର ଭବିଷ୍ୟତ ନିର୍ମାଣରେ ମାଆର ଆକାଂକ୍ଷିତ ଭୂମିକା କଣ ଏ ବିଷୟରେ ଆଲୋଚନା କରିବା । ଉକ୍ତ ନିବନ୍ଧରେ ମାଆର ପାଠଶାଳାର ଅବତାରଣା କରାଯାଇଛି ମାତୃଭୂମିକାର ବାସ୍ତବ ଚିତ୍ରଟିଏ ଆଙ୍କିବା ପାଇଁ । ଏହି ପାଠଶାଳା ଯେ ସମ୍ପୂର୍ଣ୍ଣ ଅଲଗା ଏ କଥା ସର୍ବଦା ଧ୍ୟାନ ଦେବା ଉଚିତ୍ । ତେବେ ମାଆର ପାଠଶାଳା ସମ୍ପୂର୍ଣ୍ଣ ଭାବରେ ଏକ ସୁନ୍ଦର ଓ ସମ୍ପୂର୍ଣ୍ଣ ସମାଜ ଗଠନରେ ସହାୟକ ଏ କଥା ସ୍ୱୀକାର କରିବାକୁ ପଡ଼ିବ । କୁହାଯାଏ ଯେ ରବଙ୍କସକ୍ଷଜ ସପ୍ତ ସ୍ପଷର ଲସକ୍ସପ୍ପ ସ୍ପମଷକ୍ରକ୍ରକ୍ଷ କ୍ରୁଲ ମସପ୍ପସଛରଭପ୍ପଷସକ୍ର ଅର୍ଥାତ୍ ପରିବାରହିଁ ଏକ ସୁସ୍ଥ ସମାଜ ଓ ଦେଶର ପ୍ରକୃତ ବାର୍ତ୍ତାବହ । ପରିବାରରେ ମାଆର ଭୂମିକା ଜଣେ ଏମିତି ଶିକ୍ଷକର ଯାହାଙ୍କ ହାତରେ ଶିଶୁର ଭବିଷ୍ୟତ ମୂଳଦୁଆ ପଡ଼େ । ଯେଉଁ ମାଆ ଯେମିତି ଭାବରେ ଚାହେଁ ସେମିତି ଭାବରେ ପିଲାର ଭବିଷ୍ୟତର ନିର୍ମାଣରେ ସହାୟକ ହୋଇପାରିବ । ପରିବାରରେ ବାପା ହେଲେ ଶକ୍ତି କିନ୍ତୁ ମାଆ ହେଲେ ପ୍ରକୃତ ସାଧନ ଅର୍ଥାତ୍ ଉପାୟ କିମ୍ବା ପଥ । ଶକ୍ତି ବୋଇଲେ ନାରୀ ଶକ୍ତି କିମ୍ବା ପୁରୁଷ ଶକ୍ତି ନୁହେଁ ଏଠାରେ ଶକ୍ତିର ଅର୍ଥହେଲା ସହଯୋଗ । ପରିବାରର ଗଠନରେ ମାଆକୁ ସମ୍ପୂର୍ଣ୍ଣ ସହଯୋଗ କରିବା ବାପାଙ୍କର କର୍ତ୍ତବ୍ୟ । ବାପା ହେଲେ ଘରର ମଝିଖୁଣ୍ଟ ତେବେ ମାଆ ଘରର ଛପର ଓ ଗଭୀର । ଗଭୀର ବୋଇଲେ ଘରର ମୂଳଦୁଆ । ଭଲ ମାଆ ଭଲ ଶିଶୁ ଗଠନ କରେ ଯେମିତି ଭଲ ଶିକ୍ଷକ ଭଲ ଶିକ୍ଷାଦାନ କରି ବିଦ୍ୟାର୍ଥୀ ନିର୍ମାଣ କରେ । ଭଲ ମାଆ ବୋଇଲେ କାହାକୁ କହିବା ? ଏସବୁ ପ୍ରଶ୍ନର ଉତ୍ତର ଜାଣିଲା ପରେ ଆମେ ମାଆର ପାଠଶାଳାରେ କେମିତି ଆଗାମୀର ମଣିଷ କିମ୍ବା ସମାଜ ଓ ସମୟ ନିର୍ମାଣ ହୋଇ ପାରିବ ସେ କଥା ବିଚାର କରିବା ।

ମାଆଟିଏ ତାର ସନ୍ତାନ ପାଇଁ ସବୁବେଳେ ଭଲ । ତେବେ ଏଠାରେ ଭଲ ମାଆ ବିଷୟରେ ଏକ ବିଶେଷ ଆଲୋଚନା କରିବା । କଥାରେ କହନ୍ତି ଯେ ଭଲ ସ୍କୁଲ, ଭଲ ବ୍ୟବସାୟ, ଭଲ ଚାକିରୀ, ଭଲ ହସ୍ପିଟାଲ୍ ଖୋଜିବା ଅପେକ୍ଷା ଘରପାଇଁ ଭଲ ବୋହୂଟିଏ ଖୋଜିବା ଅଧିକ ଆବଶ୍ୟକ । କାରଣ ଭଲ ବୋହୂ ନହେଲେ ଭଲ ପରିବାର ନିର୍ମାଣ ହୋଇପାରେନା, ଭଲ ମାଆ ନ ମିଳିଲେ ଭଲ ସନ୍ତାନ ଗଠନ ଅସମ୍ଭବ, ଭଲ ଭବିଷ୍ୟତ ନିର୍ମାଣ କରିହୁଏନା । ଏଥିରେ ବୁଝିହୁଏ ଯେ ଭଲ ମାଆର କେଉଁ କେଉଁ ଗୁଣ ରହିବା ଦରକାର । ଯେମିତି ସ୍କୁଲ୍‌ଟିରେ ଶିକ୍ଷକ ନିଯୁକ୍ତିରେ କେବଳ ଶିକ୍ଷକର ଶିକ୍ଷାଗତ ଯୋଗ୍ୟତା ଓ ଅନୁଭବକୁ ଗୁରୁତ୍ୱ ଦେଇ ନିଯୁକ୍ତି ଦିଆଯାଏ ଏବଂ ତା ଫଳରେ ସେ ବ୍ୟକ୍ତି ଜଣକ ଜଣେ ଭଲ ବିଦ୍ୟାର୍ଥୀ ହୁଏତ ଗଠନ କରିଦେଇ ପାରେ, ଭଲ ନମ୍ବର ଦେଇ ତାକୁ ପାସ୍ କରାଇପାରେ କିନ୍ତୁ ଭଲ ଭବିଷ୍ୟତର ମଣିଷଟିଏ ଗଠନରେ ଅସଫଳ ହୁଏ । କିନ୍ତୁ ମାଆର ପାଠଶାଳାର ଅବଧାରଣା ଅଲଗା । ଭଲ ମାଆଟିଏ ଭଲ ପାରିବାରିକ ସଂସ୍କାର ଆହରଣ କରିଥିବା ଉଚିତ୍ । ପାରିବାରିକ ସଂସ୍କାର ବୋଇଲେ ସମସ୍ତଙ୍କୁ ସ୍ନେହ, ମମତା, ଶ୍ରଦ୍ଧା, ସହଯୋଗର ପାଠ, ସେବା, କର୍ତ୍ତବ୍ୟ, ସହନଶୀଳତା, ସମ୍ମାନର ଅର୍ଘ୍ୟ ଇତ୍ୟାଦି । ଯାହାଦ୍ୱାରା ସେ ଭବିଷ୍ୟତର ପରିବାର ଓ ଆଗାମୀର ମଣିଷ ଗଢ଼ିବାରେ ଉପଯୋଗ କରିପାରିବ । ଦ୍ୱିତୀୟରେ ଭଲ ମାଆଟିଏ ଭଲ ଶିକ୍ଷା ଗ୍ରହଣ କରିଥିବା ଉଚିତ୍ । ଶିକ୍ଷାଦୀକ୍ଷାରୁ ବଞ୍ଚିତ ମାଆ ତାର ପିଲାର ପ୍ରାରମ୍ଭିକ କିମ୍ବା ତାର ସାମଗ୍ରିକ ଶିକ୍ଷାରେ ଦାୟିତ୍ୱ ତୁଲାଇ ନ ପାରିବାରୁ ଆଗାମୀର ମଣିଷ ଗଢ଼ିବାରେ ଗଭୀର ତ୍ରୁଟି ବିଚ୍ୟୁତି ଘଟିଯାଏ । ମାଆଟିଏ ଶିକ୍ଷିତ ହେଲେ ସମଗ୍ର ପରିବାର ବଂଶାନୁକ୍ରମରେ ଶିକ୍ଷିତ ହୋଇଯାଏ । ଭଲ ବିଦ୍ୟାଳୟ ପାଇଁ ଯେମିତି ଭଲ ଜ୍ଞାନୀ ଗୁଣୀ ଅନୁଭବି ଶିକ୍ଷକର ଆବଶ୍ୟକ ହୁଏ ଠିକ୍ ସେମିତି ଭଲ ମଣିଷ ଗଠନରେ ମାଆର ପାଠଶାଳାର ଏ ଶିକ୍ଷୟିତ୍ରୀ ଭଲ ହେବା ଆବଶ୍ୟକ । ତୃତୀୟରେ ଭଲମାଆ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ଆବଶ୍ୟକ । ବିଦ୍ୟାଳୟରେ ଶିକ୍ଷକ ଅସୁସ୍ଥ ହେଲେ ଶିକ୍ଷାରେ ବ୍ୟାଘାତ ହୁଏ କିମ୍ବା ପରମୁହୂର୍ତ୍ତରେ ସେ ଶିକ୍ଷାଦାନରୁ ବିରତ ହୁଏ କିନ୍ତୁ ମାଆର ପାଠଶାଳାରେ ସେ ବ୍ୟବସ୍ଥା ନାହିଁ । ମାଆ ଅସୁସ୍ଥ ହେଲେ ସମଗ୍ର ପାଠଶାଳାରେ ଅବ୍ୟବସ୍ଥା ସଞ୍ଜରିଯାଏ । ଭୁଷୁଡ଼ି ପଡ଼େ ପରିବାରର ମଝିଖୁଣ୍ଟ, ଭାଙ୍ଗିଯାଏ ସମସ୍ତ ସ୍ୱପ୍ନ । ମାଆର ସ୍ୱାସ୍ଥ୍ୟ ଛୁଟି (ଜ୍ଞରୟସମବଷ୍ଣ କ୍ରକ୍ସ କ୍ସସ୍ପଳ କ୍ଷରବଙ୍ଗର) ନଥାଏ । ମାଆର ଅବସର କିମ୍ବା ବହିସ୍କାର ମଧ୍ୟ ନଥାଏ କାରଣ ମାଆର ଅବସର କିମ୍ବା ବହିସ୍କାର ଅର୍ଥ ସମ୍ପୂର୍ଣ୍ଣ ପାଠ ଶାଳାରେ ବିଘ୍ନ ଘଟିବା । ଏଣୁ ମାଆର ପାଠଶାଳାର ସୁପରିଚାଳନା ପାଇଁ ଏବଂ ଆଗାମୀର ମଣିଷ ଗଠନରେ ସଫଳତା ହାସଲ କରିବା ପାଇଁ ମାଆର ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ନିତ୍ୟାନ୍ତ ଆବଶ୍ୟକ । ଚତୁର୍ଥରେ ସମାଜ ବ୍ୟବସ୍ଥାର ବ୍ୟବହାର ଅର୍ଥାତ୍ ସରକାରୀ ହେଉ କିମ୍ବା ବେସରକାରୀ ସ୍ତରରେ ହେଉ ମାଆ ମାନଙ୍କର ପାଠଶାଳାର ସୁରକ୍ଷା ଓ ସୁସ୍ଥତା ପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ପ୍ରଥମେ ମାଆର ପାଠଶାଳାର ଉନ୍ନତି ହେବା ଦରକାର । ଶିଶୁଟିଏ କେମିତି ମାଆର ପାଠଶାଳାରେ ପ୍ରାରମ୍ଭିକ ସ୍ତରରେ ଗଠନ ହେବ ସେଥିପ୍ରତି ଆମ ଦେଶର ସରକାରୀ କିମ୍ବା ବେସରକାରୀ ତନ୍ତ୍ର ସମ୍ପୂର୍ଣ୍ଣ ଉଦାସୀନ । ଏଣୁ ମାଆର ପାଠଶାଳା ଆଜି ଅନେକାଂଶରେ ରୁଗ୍ଣ । ତେବେ ଭଲ ମାଆ ବୋଲି ଆମେ ସେହି ମାଆକୁ କହିବା ଯିଏ ସମସ୍ତ ବାଧାବିଘ୍ନକୁ ବେଖାତିର କରି ଗଢ଼ିଚାଲେ ଆପଣାର ପାଠଶାଳାରେ ଆଗାମୀର ମଣିଷ ।

ମାଆ କେମିତି ହେଲେ ଭଲ ଚାଲିବ ଆମର ପାଠଶାଳା । ମାଆ ଆପଣାର ଶିଶୁ ପ୍ରତି ସଚେତନ ରହିଥିବ । ତାର ଖାଦ୍ୟପେୟ, ସ୍ୱାସ୍ଥ୍ୟ ପ୍ରତି ଠିକ୍‌ରେ ଧ୍ୟାନ ଦେଇ ପାରୁଥିବ । ତାର ଶାରୀରିକ, ମାନସିକ ବିକାଶ କେମିତି ହେବ ତାହା ସେ ଜାଣିଥିବ, କେଉଁ ସମୟରେ କେଉଁ ଖାଦ୍ୟ, କେଉଁ ଔଷଧ, କେଉଁ ପୋଷାକ ଆବଶ୍ୟକ ବୁଝୁଥିବ । ଆପଣାର କଥା ମଧ୍ୟ ସମାନ ଭାବରେ ବୁଝିପାରୁଥିବ, ପରିବେଶକୁ ଶିଶୁଟିର ଅନୁକୂଳରେ ପରିଚାଳିତ କରିପାରୁଥିବ, ପରିବାରରେ ଶିଶୁଟି ପ୍ରତି ଆପେକ୍ଷିକ ସହଯୋଗ ନେଇ ପାରୁଥିବ, ପରବର୍ତ୍ତୀ ଜଳବାୟୁ ଆଦି ପ୍ରତି ସଚେତନ ଥିବ ଇତ୍ୟାଦି । ସେମିତି ମାଆ ହେଲେ ତାର ପାଠଶାଳା ଭଲ ଚାଲିବ । ଏହାଛଡ଼ା ପାଠଶାଳାକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେଇପାରୁଥିବ ଓ ସମୟ ସହ ପାଠଶାଳାର କଳେବରକୁ ସଜାଡ଼ି ନେଇ ପାରୁଥିବ ।

ତେବେ କେମିତି ଉପାୟରେ ଆମେ ଭଲ ମାଆ ଓ ମାଆର ଭଲ ପାଠଶାଳା ପାଇ ପାରିବା ? ଏଥିପାଇଁ ସମଗ୍ର ବିଶ୍ୱରେ ଅନେକ ଗବେଷଣା ବିଭିନ୍ନ ସମୟରେ ସମ୍ପାଦିତ ହୋଇଛି, ବିକଶିତ ଦେଶମାନଙ୍କରେ ଏଥିପ୍ରତି ବିଶେଷ ଧ୍ୟାନ ମଧ୍ୟ ଦିଆଯାଇଛି ତେବେ ଆମ ଦେଶ ଏ କ୍ଷେତ୍ରରେ ଗଭୀର ଭାବରେ ଅବହେଳିତ । ଆମ ଦେଶରେ ମାଆ ଓ ଶିଶୁ କୁପୋଷଣରେ ମରୁଛନ୍ତି ଏବଂ ଦେଖିବାକୁ ଗଲେ ଅଧିକାଂଶ ଶିଶୁ ଆମ ଦେଶରେ କୁପୋଷଣର ଶୀକାର । ଏଣୁ ଏଥିପ୍ରତି ପ୍ରଥମେ ଧ୍ୟାନ ଦେବା ଦରକାର । ପରିବାର ମଧ୍ୟରେ ହିଂସା, ହତ୍ୟା, ଅତ୍ୟାଚାର, ବିଷମତା ଆଦି ଅନେକ କିଛି ପରିବ୍ୟାପ୍ତ ଏଣୁ ଏହାଦ୍ୱାରା ମାଆର ପାଠଶାଳାରେ ଭଲ ପରିଣାମ ମିଳିବା ଅସମ୍ଭବ । ମାଆ ଅର୍ଥାତ୍ ନାରୀ ସମାଜ । ସଭ୍ୟତା, ସମୃଦ୍ଧି ନାମରେ ନାରୀ ସମାଜରେ ମଧ୍ୟ ଆଜି ପରିବ୍ୟାପ୍ତ ବିଶୃଙ୍ଖଳା । ମାଆର ପାଠଶାଳାର ଶିକ୍ଷକ ମଧ୍ୟ ଠକେଇବାର କଳାରେ ଅଭ୍ୟସ୍ତ । ମାଆ ମାନେ ଶିଶୁଟିକୁ ସମୟ ଦେଉନାହାଁନ୍ତି, ଆପଣାର ସ୍ତନରୁ କ୍ଷୀର ଦେଉନାହାଁନ୍ତି. ଆପଣା ଛାତି ଉପରେ ଶୋଆଇ ସଂଗୀତ ଶୁଣାଉ ନାହାଁନ୍ତି, ଆଙ୍ଗୁଳି ଧରି ଚାଲିବାରେ ସାହାଯ୍ୟ କରୁନାହାଁନ୍ତି ଏବଂ ଆପଣାର ପାଠଶାଳାରେ ନର୍ସ, ଆୟା, ମେଟ୍ରନ ଆଦି ରଖି ଆପଣାର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ଏମିତି ସ୍ଥଳରେ ମାଆର ପାଠଶାଳାରେ ଗଠନ ହୋଇ ପାରୁନାହିଁ ଆଗାମୀର ମଣିଷ ।

ତେବେ ଏତେ ମହତ୍ୱପୂର୍ଣ୍ଣ ବିଷୟକୁ କ'ଣ ସମାଜ ବ୍ୟବସ୍ଥାରେ ଉପେକ୍ଷିତ ରହିବା ବିଧେୟ ? ନା, କେବେ ନୁହେଁ । ମନେ ରଖିବା ଉଚିତ୍ ଯେ ମାଆର ପାଠଶାଳା ହିଁ ଆଗାମୀର ସୁନ୍ଦର ସମାଜ ନିର୍ମାଣର ଏକମାତ୍ର ଆୟୁଧ । ତେବେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ । ମାଆ ମାନଙ୍କୁ ଶିକ୍ଷିତ କରିବାକୁ ପଡ଼ିବ । ସେମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ । ଗାଁ ଗାଁରେ ମାତୃତ୍ୱ ବିଦ୍ୟାଳୟ ଭଳି ବିଦ୍ୟାଳୟ ଗଢ଼ି ନବ ବଧୂମାନଙ୍କୁ ଶିକ୍ଷିତ କରିବାକୁ ପଡ଼ିବ । ସରକାରୀ ବେସରକାରୀ ସ୍ତରରେ ସେମାନଙ୍କର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ ।

❤ 'ସୌଭାଗିନୀ', ରଟିଲୋ, ରେଞ୍ଜ, ପୁରୀ
ଫୋନ : ୯୪୩୯୫୩୯୨୨୯

ଗୋଟେ ବଡ଼ ଗପ

ତରୁ ଆଉ କାନ୍ଦିବ ନାହିଁ



ତରୁ କାନ୍ଦୁଥାଏ ।

କାନ୍ଦୁକାନ୍ଦୁ କହୁଥାଏ : ଏବେ ବୁଝୁଚି । ଆଗରୁ ବୁଝି ପାରୁନଥିଲି ।

-ଜଣେ ପଚାରିଲା: ଆଗରୁ ମାନେ ?

ପଣତ କାନିରୁ ଲୁହ ପୋଛୁପୋଛୁ କହୁଥାଏ: ମାଇନର ପଢିଲାବେଳେ । ଆମବେଳେ ମାଇନର କହିଲେ ଚତୁର୍ଥରୁ ସପ୍ତମକୁ ବୁଝାଉଥିଲା । ଏଇନେ ଅଲଗା । ପାଠ ବି ଅଲଗା । ଆଉ ବୟସ ?

ସପ୍ତମ ସରିଲା ବେଳକୁ ଫ୍ରକ ତଳ ଢିଲା ପେଣ୍ଟର ଡୋର ମଳିଟିଆ ।

-କଣ କରୁଥାଅ ସେତେବେଳେ ?

କଣ ଆଉ ଯେ ! ଘରକୁ ଯିବି ସାର୍ । କାମ ଅଛି । ଖାଇନି । ଜଲ୍‌ଦି ଛାଡନ୍ତୁ ସାର୍ କହିସାରି ବହିପତ୍ର ଗୋଟାଇବା ବେଳେ ସାର୍ ଯିବା କଥା କହିନଥାନ୍ତି; ବାହାରିଯିବାକୁ ହୁଏ ।

-କାହିଁକି ?

ସେ କଥା ପଚାରନା । କହି ପାରିବିନି । ତମେ ଜାଣି ଅଜଣା ହୁଅନି । ଲାଜର କଥା ଇଏ । ତମ ପ୍ରଶ୍ନଟିର ଉତ୍ତର ଦେବାକୁ ହେଲେ ଲାଜ ଭୁଲିବାକୁ ହେବ । କୁହ ତ ! ଜଣକର ସ୍ତ୍ରୀ; ଦୁଇଟି ପୁଅର ମା, ଦୁଇଜଣଙ୍କର ଭାଇବୋହୂ ଜଣକର ଭାଉଜ ହେଇ ତମ ପ୍ରଶ୍ନର ଉତ୍ତର ଜାଣି ବି କହି ପାରିବି କି ?

- କହନା । ତତେ କହିବା ମନା । ତୁ ଚୁପ୍ ମାର୍ । କାନ୍ଦନା । କାନ୍ଦିଲେ ଆଖିରୁ ଲୁହ ନିଗିଡେ । ନିଗିଡେ କି ଦୁଃଖ ! ଦୁଃଖ କଣ ଆଖିର ଲୁହ ଯେ; ନିଗିଡି ପଡିବ । ଆଉ ତୁ ଦୁଃଖ ଭୁଲି ହସର ଫୁଲ ତୋଳିଆଣିବୁ ?

ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ଖେଳର ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭଳି ଭାରତ ପାକିସ୍ତାନ ମ୍ୟାଚର ରେମାଞ୍ଚକ ପରିଣତିରେ ବାଣ ଓ ନିରବତାର ରାଜୁତି ସାଙ୍ଗକୁ ଖେଳାଳୀ ନୁହେଁ; କୋଚ୍‌ର ଅଦୃଶ୍ୟ ଉପସ୍ଥିତିକୁ କିଏ ଯେମିତି ଚିହ୍ନି ପାରୁଥାଏ । ଆଉ କୋଚ୍‌ର କା ନେଇ ଯିଏ ତରୁକୁ ପ୍ରଶ୍ନ ପଚାରୁ ଥାଏ; ସିଏ ପୁଣି ଦୋହରାଉ ଥାଏ: ମାଇନର ପଢାବେଳର ସ୍ମୃତିକୁ ଯେ ମନେ ପକାଇଲ; କହୁନାହିଁ କାହିଁକି ସେ କଥା ?

ଶାଗ କରେଇରୁ ଖୁଶୁଣି ଅଲଗା କରି ତରୁ କହିଲା: ହଁ, ଭୁଲିଯାଇଚି । ମନ ମୋର ଅଲଗା ହୋଇଗଲାଣି ଦେହରୁ । ଏ ଦେହ ଭିତରେ ଆଉ ମନ ମାହିଁ । ଭାଇ ଯେତେ ପର ହେଲେ ବି ରକ୍ତ ଯେ ! ନ ପଚାରୁ । ଭାଉଜ ବୁଦ୍ଧିରେ ଭାଇମାନେ ଭଉଣୀକୁ ଭୁଲିଯାଆନ୍ତି ସତ; କିନ୍ତୁ ମୋ ବଡ ଭାଇ ସେମିତି ନୁହେଁ । ସିଏ ତ ବାହା ହେଇନଥିଲା । ଭାଉଜ ଆସିନଥିଲା । ମୋତେ ଭୁଲିଲା କେମିତି ?

- ତେବେ ? ଭାଇ କଥା ମନେପକାଇ ଆମକୁ ଭୁଲିଯିବାର ଉଦ୍ଦେଶ୍ୟ କଣ ଖୋଲି କହ ?

ତରୁ ଧକେଇଲା । ଧକଉଧକଉ କହିଲା: ମାଇନର ପଢିଲା ବେଳେ ଜଣେ ସାହିତ୍ୟ ସାର୍ ଥରେ ରଚନା ଦେଲେ; ମୁଁ ହସୁଥିବାର ଦେଖି ଅନ୍ୟ ଜଣେ ହସେ । କିନ୍ତୁ ମୁଁ କାନ୍ଦୁଥିବା ବେଳେ କେହି ଜଣେ କାନ୍ଦିପାରେନା କାହିଁକି ?

ହେବ ଆଉ କଣ ! ଆମବେଳେ ତ ପରୀକ୍ଷା ଖାତାରେ ଲେଖିଦେବାକୁ କେହି ଆସୁନଥିଲେ । ଏଭଳି ଗହନ କଥାର ସଠିକ୍ ଉତ୍ତର କିଏ ଜାଣିନଥିବାର ଜଣାଯାଉ ନଥାଏ । ଏପରିକି ସାହିତ୍ୟ ସାର୍ ଜାଣିଥିବେ ବୋଲି ମୋର ତ ପରତେ ଯାଉନଥାଏ । ଆଉ ଏଇନେ । ହେଇ ଦେଖୁନ; ବଡ ପୁଅଟା ସଂଜ ହେଲେ ଷ୍ଟେସନ ଚାଲିଯାଉଚି ଯେ; ବାପ ଦୋକାନରେ ରହି ଯାଉଚି । ଆଉ ସାନଟା ! ସାନଟା ତ ରାଗିଚି । ଜାଣିଚ ? ସାନଟା ରାଗିଚି ବୋଲି 'ମଦର' 'ମଦର' କହି ମୋତେ ଚେତେଇ ହେଲାଣି । କି ଯୁଗ ହେଲା ଇଏ ! ମଦର ହେଲା ଇଂରାଜୀ । ବନାନ କରିପାରିବନି । ମୁଁ କାନ୍ଦୁଚି । କିଛି ବୁଝୁଚି ସେଇଟା । ଖାଲି କାନ୍ଦ । ସତସତିକା କାନ୍ଦ ହେଲେ ସିନା । ସମସ୍ତେ ତ ଛଳନାରେ ପହଁରିଲେ । ମତେ ବୁଝିଲା କି କେହି ?

କୁନିଅପା ଏତିକି ବେଳେ ପାଟି ଫିଟେଇଲା । ଓଠ ଦି'ଫାଳ କଲା । କହିଲା : ତରୁ ! ମାଇନର ପଢାବେଳର କଥା କହୁଚୁ; କହ । ମନା ନାହିଁ । ଶାଗ ଖରଡା କୁହୁଳିଲାଣି । କାନ୍ଦୁଚୁ । ଏତେ ଲୋକ ଖାଇବାକୁ ଅନେଇ ବସିଚନ୍ତି । ତୁ କେମିତିକା କେଜାଣି ! ?

ତରୁ ଭୁଲିଯିବାକୁ ଚେଷ୍ଟା କରୁଥାଏ ମାଇନର ପଢାବେଳର ସାହିତ୍ୟ ସାର୍‌ଙ୍କ ପ୍ରଶ୍ନ । ପାରୁନଥାଏ । କୁନିଅପାର ଚେତାବନୀକୁ ସ୍ମରଣ କରିପାରୁ ନଥାଏ କି କେଜାଣି; କାଳିସୀ ଲାଗିଲା ଭଳି କହୁଥାଏ: ତମେ ଚୁପ୍ କର । ମୋ କାନ୍ଦକାନ୍ଦ ମୁହଁ; ଆଖିର ଲୁହ; ଇଏ ବାପ-ପୁଅର ଫିରିକିଟି ଜଗିଜଗି ମୁଁ ପଥର ହୋଇଗଲିଣି । ଆଉ ନୁହେଁ । ମତେ ଏତେ ଛଟପଟ କରାଅନି କହିଦଉଛି । ଯାହା ଦେଇଛି ଖାଅ । ନଖାଇବ ତ ଶୁଅ । ପାରିବିନି । ସକାଳେ ଯାହା ହେବ । କୁନିଅପା ଭୟ ପାଇଗଲା । ତରୁ କାହିଁକି କହିଲା; ବୁଝିଲା । ନିଜେ ଖୁସୁଣି ଧରିଲା । ଶାଗ ଖରଡିଲା । ଶିଳରେ ରସୁଣ ଓ ଶୁଖିଲା ଲଙ୍କା ରଗଡିଲା । ସୋରିଷ ତେଲ ଅଣ୍ଟାଳିଲା । ଡିବିରି ଆଲୁଅ ଜଳାଇଲା ।

ସେତେବେଳେ ବିଜୁଳି ଥାଏ । ରୋଷେଇ ଘରଟିରେ ବଲବ୍ ନାହିଁ । ଜଳିବ କେମିତି ? ବାରଣ୍ଡାରେ ଷାଠିଏ ପାୱାରର ବଲବ୍ ଜଳୁଚି । ବାଉଁଶ ତିଆରି ପତଳା ଦଳମାର ଛାଇ ସେପଟେ ଚାରିଭାଇଙ୍କ ପାଇଁ ଗୋଟିଏ ମାତ୍ର ଟିଉବ୍‌ୱେଲ୍ । କିଏ କେତେବେଳେ ଆସେ; ଜାଣେ କିଏ ?

ତରୁ ଯାଇଥାଏ ଟିଉବ୍‌ୱେଲ୍ । ନୋଟାରେ ପିଇବା ପାଣି ଆଣିବା ଥାଏ ତାର ଉଦ୍ଦେଶ୍ୟ । କିଏ ଜଣେ ଟିଓ୍ୱେଲରେ ଗୋଡହାତ ଧୋଉଥିବାର ଦେଖି ଫେରିଆସିଲା । କୁନିକୁ ଆସି କହିଲା : କୁନି ଅପା କିଏ ଗୋଡ ଧୋଉଚି ଯାଇ ଦେଖ ତ ! ମତେ ଡର ମାଡୁଚି ।

କୁନିଅପା ଉଠିଗଲା । ଯାଉଯାଉ କହିଲା: ଖାଅ । ସାଙ୍ଗେ ସାଙ୍ଗେ ଆସୁଚି । କିଏ ବନ୍ଧୁବାସ ଆସିଲେଣି ନା କଣ ଦେଖେ । ଆଗରେ କୁନିଅପା ପଛରେ ତରୁ ।

କୁନିଅପା ଯାଇ ପହଂଚିଲା । ତେନ୍ତୁଳି ଗଛର ଝଙ୍କାଳିଆ ନହଂକା ଡାଳଟେ ଭଳି ପେଟ ଉପରର କାନ୍ଧ ଆଉ ମଥାକୁ ନୁଆଁଇ ଅନେଇଲା । ପାଟିରୁ ପାଣି କୋଳଚା ଫିଙ୍ଗି ପକ୍‌କା ସିମେଣ୍ଟ ଉପରେ ପାଦତଳିପା ଖସାଇ ଖସାଇ ମଳି ପୋଛୁଥିବା ବାଙ୍ଗରା ମରଦଟି କହିଲା : କୁନି ଅପା ! ତୁ କେତେବେଳେ ଆସିଲୁ ? ଷ୍ଟେସନ୍‌ରେ ଦେଖା କଲୁନି ! କୁନି ଚେତା ଫେରି ପାଇଲା । କହିଲା: ତରୁ ! ତୁ କି ମାଇପ ହେଇଚୁ ବେ ! ତ ମରଦକୁ ଚିହ୍ନିପାରୁନୁ !

କୁନି ଅପା ତୁ କିଛି କହନା । ତୁ ଜାଣିନୁ; ତରୁକୁ ମୁଁ ଚିହ୍ନେ । ଅଂଧାରରେ ବି ଚିହ୍ନିପାରେ । ଆଉ ତରୁ ! ଦିନରେ ବି ସିଏ ଚିହ୍ନିପାରେନି । କାହିଁକି ଜାଣୁ ? ସିଏ କାନ୍ଦେ । ଏଇନେ ବି କାନ୍ଦୁଚି । ସିଏ କାନ୍ଦିଲେ ତା ଛାଇ ମାଡେନା ମୁଁ । ତରୁ କାହିଁକି କାନ୍ଦେ ଜାଣୁ କୁନିଅପା ?

- କାହିଁକି ?

- ତା ଭାଇ ପାଇଁ ।

- ଭାଇ ! ?

ହଁ; କୁନିଅପା । ତା ଭାଇ ଆଉ ନା

ବହୁମତ

ପୂଜା ପତ୍ରିକା ସମୀକ୍ଷା

କାବ୍ୟଲୋକ
ସମୟର ଶଙ୍ଖନାଦ
ସମ୍ପାଦକ : ଭିକାରୀ ଧଳ
ଠିକଣା : ୨୯୭୪, ଗ୍ୟାରେଜ ଛକ, ଲୁଇସରୋଡ (କେନାଲ ପାଖ), ଭୁବନେଶ୍ୱର-୨
(ମୋ) ୯୪୩୭୨୮୩୯୦୭
ମୂଲ୍ୟ : ୧୬୦/-



'ପ୍ରମୁଖ କବିମାନଙ୍କର ସ୍ୱର, ଶବ୍ଦ ଓ ବାକ୍ୟକୁ ବାରମ୍ବାର ଉଚ୍ଚାରଣ କରି, ଆମେ ଭାବ ଭାଷାକୁ ନେଇ ନୂଆ ରଚନାମାନ ସୃଷ୍ଟି କରିଛେ କିନ୍ତୁ ପୁରାତନକୁ ଡେଇଁ କୌଣସି ପାଠକର ବିଶ୍ୱାସଭାଜନ ହୋଇ ପାରିଛେ କି ? ହଜାର ହଜାର ସଂଖ୍ୟାରେ କାବ୍ୟ କବିତାର ପୁସ୍ତକମାନ ପ୍ରତିଦିନ ଜନ୍ମନେଇ ଆମ ସାହିତ୍ୟ ମଣ୍ଡଳରେ ଘୁରିବୁଲୁଛି ଏବଂ ଆମ ସାହିତ୍ୟ ବାୟୁମଣ୍ଡଳକୁ ପୂର୍ଣ୍ଣ କରୁଛି ଆଧୁନିକ ଶବ୍ଦ ନାମରେ ଅନେକ କିଛି ଅଲୋଡା ଅଶୁଣା ଶବ୍ଦ ବସାଣ ଓ ବାକ୍ୟ ଗଠନରେ । ବାରମ୍ବାର ପଢିଲେ କି ଶୁଣିଲେ ତାହା ମନ ଭିତରେ ଛାପ ପକାଇ ପାରୁନି କି ସ୍ପର୍ଶ କରିପାରୁନି ହୃଦୟକୁ । ତଥାପି କବି ବୋଲି ନିଜକୁ କହିବାକୁ ପଡୁଛି । + + + + + ମୋ ନିଜ ଲେଖାଟି ଯଦି ଛପା ହେଲାପରେ କେବଳ ମୁଁ ହିଁ ଦେଖି ସାଇତିବି, ଅନ୍ୟମାନେ ତାର ରୂପରଂଗକୁ ସ୍ପର୍ଶ କରିବାର ଯୋଗ୍ୟତା ଆମ ପାଠକମାନଙ୍କର ନାହିଁ, ତାହେଲେ ମୁଁ ଲେଖିବି କାହିଁକି ? ପ୍ରକାଶକ ବା ସମ୍ପାଦକ ବହୁ ଅର୍ଥ ବ୍ୟୟ ଓ ପରିଶ୍ରମ କରି ମୋ ଲେଖାକୁ ଛାପିଲେ କଣ ବା ପାଇବେ ? ବୃଥା ପରିଶ୍ରମ କରିବେ ସିନା !' ଭଳି ଚିନ୍ତା ଦ୍ୟୋତକ କଥା ରଖିଛନ୍ତି 'ସାହିତ୍ୟ, ସମସ୍ୟା ଓ ସମ୍ପାଦକୀୟ...!' ଶୀର୍ଷକରେ ପୂଜାସଂଖ୍ୟା 'କାବ୍ୟଲୋକ'ର ସମ୍ପାଦକୀୟ ସ୍ତମ୍ଭରେ ସମ୍ପାଦକ କବି ଭିକାରୀ ଧଳ ।

୩୨୮ ପୃଷ୍ଠାର ଏହି ପତ୍ରିକାଟିର ଆଦ୍ୟପୃଷ୍ଠାରେ ଡା. ରାମଚନ୍ଦ୍ର ରାଉତଙ୍କ ଦୟାମୟୀ ଦୁର୍ଗା ମାତେ ! ପ୍ରକାଶିତ ହୋଇଥିବା ବେଳେ କାବ୍ୟାନୁଭବ ସ୍ତମ୍ଭରେ 'କବିତାର ଜୀବନ: କେତେ ମନନ କେତେ ଦହନ' ଶୀର୍ଷକରେ ଦେବାଶୀଷ ଚକ୍ରବର୍ତ୍ତୀ, ଡ. ଗୌତମ ଜେନା, ରକ୍ଷକ ନାୟକ, ଡ. ଶ୍ରୀହରି ଧଳ, ସଂଯୁକ୍ତା ମହାନ୍ତି ତାଙ୍କ କଥା ରଖିଥିବା ବେଳେ କାବ୍ୟ ଆଲୋଚନାରେ ବିଶିଷ୍ଟ ପ୍ରାବନ୍ଧିକ ନକୁଳ ଚନ୍ଦ୍ର ସାହୁ, ରତ୍ନାକର ରାଉତ, ଡ. ସଂଘମିତ୍ରା ମିଶ୍ର, ହିମାଂଶୁ ଶେଖର ପରିଡା, ଦିପ୍ତୀପ୍ରଭା ଶଙ୍ଖୁଆ କାଳିଆ ସେଠୀ, ଡ. ପ୍ରଦୋଷ କୁମାର ସ୍ୱାଇଁ, ଡ. ନିବେଦିତା ମହାନ୍ତି, ଡ. କଳ୍ପନା ମହାନ୍ତି, କଳ୍ପନା ଝାଙ୍କର, ଡ. ବେଣୁଧର ପାଢୀ, ଚନ୍ଦ୍ରିକାରାଣୀ ପଣ୍ଡା, ଡ. ସଂଘମିତ୍ରା ଭଂଜ, ନରେନ୍ଦ୍ର କୁମାର ତ୍ରିପାଠୀ, ସୁନୀଲ କୁମାର ବରିହା, ଡ. ରଘୁନାଥ ମେହେର, ଡ. ପ୍ରସନ୍ନ କୁମାର ନାୟକ, ଅଧ୍ୟାପକ କାଳନ୍ଦୀ ମଲ୍ଲିକ, ବିନ୍ଦୁଶ୍ରୀ ମହାନ୍ତି ପ୍ରମୁଖ ବେଶ୍ ଉପାଦେୟ ପ୍ରବନ୍ଧ ଲେଖିଛନ୍ତି । କାବ୍ୟ ମୂଲ୍ୟାୟନ ସ୍ତମ୍ଭରେ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ, ଡ. ବିନ୍ଧେଶ୍ୱରୀ କାଲିଆ, ଡ. ସୁମନ୍ତ ନାୟକ, ଡ. ସୋନାଲି ସାହୁ, ଡ. ସୁକାନ୍ତି ମହାପାତ୍ର ପୁସ୍ତକ ସମୀକ୍ଷା କରିଥିବା ବେଳେ ଗୁଜୁରାଟୀ କବିଡ. ଉଷା ଉପାଧ୍ୟାୟଙ୍କ କାବ୍ୟବ୍ୟକ୍ତିତ୍ୱକୁ ଚିତ୍ରଣ କରିଛନ୍ତି ପ୍ରଶାନ୍ତ କୁମାର ମହାନ୍ତି । ବିମୁଗ୍ଧ ବାଙ୍ମୟତାରେ କବି ସର୍ବଶ୍ରୀ ହରିହର ମିଶ୍ର, ସୌଭାଗ୍ୟବନ୍ତ ମହାରଣା, ଅମରେନ୍ଦ୍ର ଖଟୁଆ, ଗିରିଜା ଶଙ୍କର ଶର୍ମା, ନୃସିଂହ ଷଡଙ୍ଗୀ, ରକ୍ଷକ ନାୟକ, ସତ୍ୟବାଦୀ ରାଉତ, ନିହାର ରଂଜନ ଦାଶ, ରଂଜନ କୁମାର ଦାସ, ଖଗେଶ୍ୱର ମହତାବ, ଅଶକବିନୀ ସୂତାର, ଦେବେନ୍ଦ୍ର କୁମାର ବାଉରୀ, ତ୍ରିଲୋଚନ ମହାନ୍ତି, ଡା. ଦୀନବନ୍ଧୁ ସାହୁ, ସୁଶାନ୍ତ କୁମାର ପଟ୍ଟନାୟକ, ଶୁଭନାରାୟଣ ସ୍ୱାଇଁ, ବିପିନ ମହାନ୍ତି, ମନୋଜ ପଟ୍ଟନାୟକ, ସୁନୀଲ ମିଶ୍ର, ଉପେନ୍ଦ୍ର ପ୍ରସାଦ ନାୟକ, ବିଜୟ କୁମାର ବହଳୀ, ହରିଶ୍ଚନ୍ଦ୍ର ବେହେରା, ପ୍ରଭାକର ମହାପାତ୍ର, ରାଜୀବ ପାଣି, ସୁରେନ୍ଦ୍ର ପାଣିଗ୍ରାହୀ, ବାଦଲ ମହାନ୍ତି, ରାଜକିଶୋର ପାଢୀ, ଡ. ସନ୍ତୋଷ ଦେବତା, ନରହରି ମିଶ୍ର, କୌଶିକ ନାୟକ, ବିପ୍ଳବ ରଂଜନ ପତି ପ୍ରମୁଖ କବିତା ଲେଖିଥିବା ବେଳେ ନାରୀସ୍ୱରରେ ନିର୍ମଳା ମହାନ୍ତି, ମମତା ଦାଶ, ଡ. ମନୋରମା ବିଶ୍ୱାଳ ମହାପାତ୍ର, ରଂଜିତା ନାୟକ, ଡ. ନୀତା ବହିଦାର, ଆଶାରାଣୀ ବେଉରା, ସୀମା ମିଶ୍ର, ପ୍ରତିଭା ପରିଡା, ସଂଯୁକ୍ତା ମହାନ୍ତି, ପ୍ରଭାତ ନଳିନୀ ମହାପାତ୍ର, ମିନତୀ ମିଶ୍ର, ବିଦ୍ୟୁତଲତା ଦାସ, ଡ. ସୁଷମା ମିଶ୍ର, ଅଙ୍ଗୁରବାଳା ପରିଡା, ଡ. ମମତା ସାହୁ, ଜୟଶ୍ରୀ ଦାସ, ଶୈବାଳିନୀ ସାହୁ, ମିଠୁ ପଟ୍ଟନାୟକ, ଆରତୀ ସେନ, ଲତିକା ମହାପାତ୍ର, ଚନ୍ଦନା ବାଗ୍‌ଦେବୀ ରଥ, ସରୋଜିନୀ ମିଶ୍ର, ଗୀତାଶ୍ରୀ ପ୍ରିୟମ୍ବଦାଙ୍କ କବିତା ଏଥିରେ ସ୍ଥାନିତ ହୋଇଛି । କବିତାଗୁଡିକ ଉଚ୍ଚକୋଟୀର ଓ ସୁଖପାଠ୍ୟ । କାବ୍ୟାନୁସୃଜନ ବିଭାଗ ଡ. ପ୍ରସନ୍ନ କୁମାର ମହାନ୍ତି, ଲୋହିତାକ୍ଷ ଯୋଶୀ, ଚାଣକ୍ୟ ଚିରାଗ, ଯଶୋବନ୍ତ ସେଠୀ, ନଗେନ୍ଦ୍ରନାଥ ପଟ୍ଟନାୟକ, ଡ. କନକମଂଜରୀ ପଟ୍ଟନାୟକ ଓ ଲିଙ୍ଗରାଜ ମହାନ୍ତିଙ୍କ ଲେଖାରେ ପରିପୁଷ୍ଟ ହୋଇଥିବା ବେଳେ ଗୀତି କବିତାରେ ଗୌର ପଟ୍ଟନାୟକ, ବାବାଜୀ ଚରଣ ଜେନା, ବିଦ୍ୟୁତଲତା ଭୂୟାଁ, ରମେଶ ମଙ୍ଗରାଜ, ଶକ୍ତି ମହାନ୍ତି, ଶ୍ରୀମତୀ ବସନ୍ତ ମିଶ୍ର, ଇଂ, ପ୍ରଦୀପ ଷଡଙ୍ଗୀ, ଉମାକାନ୍ତ ନାୟକ, ସ୍ନେହଲତା ନାୟକ, କୃଷ୍ଣ ନାରାୟଣ ମିଶ୍ର, ଜେନା ପ୍ରଦୀପ, ଚୈତନ୍ୟ ପ୍ରସାଦ ବେହେରା, ସୁରଞ୍ଜନ ପାତ୍ର, ସ୍ନେହଲତା ପଟ୍ଟନାୟକ, ଭିକାରୀ ଧଳ ଗୀତିକବିତା ଲେଖିଥିବା ବେଳେ ସୁନ୍ଦର ପ୍ରଚ୍ଛଦ ଥିବା ନିରୋଳା କବିତା ଓ କବିତା ଚର୍ଚ୍ଚାକୁ ନେଇ ପ୍ରକାଶ ପାଉଥିବା କାବ୍ୟଲୋକ ସମୟର ଶଙ୍ଖନାଦର ପୂଜାସଂଖ୍ୟା ସବୁଥର ପରି ନିଶ୍ଚିତ ଭାବେ ପାଠକାଦୃତ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ ।

❤ ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ମନ ଗହନ



ସଚ୍ଚିଦାନନ୍ଦ ମିଶ୍ର

'ସମୟର ଚିତ୍ରରେଖା' ମୋର ପଞ୍ଚମ କବିତା ସଂକଳନ। ଏହା ପୂର୍ବରୁ ଚାରୋଟି କବିତା ସଂକଳନ ପ୍ରକାଶ ପାଇଛି। ଆଗରୁ କବିତାରେ ଦୁର୍ବୋଧତାର ସ୍ୱର ବହୁପରିମାଣରେ ଶୁଣିବାକୁ ମିଳୁଥିଲା। ସଂପ୍ରତି ଓଡ଼ିଶାର ବହୁ କବି ସାଧାରଣ ପାଠକ ଉପଯୋଗୀ କବିତା ଲେଖୁଛନ୍ତି, ତଥାପି ସଂଖ୍ୟାଧିକ ସାଧାରଣ ପାଠକଙ୍କ ନଜର ପଡୁନି। ଏହା ବର୍ତ୍ତମାନ ପରିବେଶର କଥା। ମୁଁ ମଧ୍ୟ ପୂର୍ବ ବହି ତୁଳନାରେ ଅନେକ କବିତାକୁ ସୁବୋଧ କରିବାକୁ ଚେଷ୍ଟା କରିଛି।

'ସମୟର ଚିତ୍ରରେଖା' ଅନେକ କବିତାରେ ମଣିଷ ଭିତରୁ ମାନବିକତା ବିପର୍ଯ୍ୟସ୍ତ ହେବାର ସୂଚନା ମୁଁ ପ୍ରଦାନ କରିଛି। ଏକ ବିଂଶ ଶତାବ୍ଦୀର ଏହା ଏକ ବଡ଼ ବିପର୍ଯ୍ୟୟ। ମଣିଷ ସଂବେଦନଶୀଳ ହେବା ଅପେକ୍ଷା ଅଧିକ କ୍ରୁର ହୋଇଉଠୁଛି। ଯେମିତି ପ୍ରେମିକା ବା ସ୍ତ୍ରୀକୁ ମାରି ଖଣ୍ଡ ଖଣ୍ଡ କରି ସୁବିଧା ଦେଖି ଲୋକଲୋଚନରୁ ଦୂରରେ ଫିଙ୍ଗିବା, ଋଷ ଦୁର୍ବଳ ୟୁକ୍ରେନ୍ ଦେଶ ଉପରେ ଆକ୍ରମଣ ଜାରି ରଖି ସାଧାରଣ ଜନତାଙ୍କର ଧନ ଜୀବନ ନଷ୍ଟ କରିବା, ପଶୁ ପ୍ରବୃତ୍ତିର ନିଛକ ଉଦାହରଣ ହୋଇପାରେ। "କିଭରେ ଜହ୍ନ ରାତି" କବିତାରେ ଧ୍ୱଂସସ୍ତୁପ ତଳୁ ଶାନ୍ତ ଓ ସ୍ୱଚ୍ଛ ଜୀବନ ଧାରଣ କରିବାର ଆଶାପୋଷଣ କରିଛି। ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବାର ଲକ୍ଷ୍ୟରେ ଅନେକ କବିତାରେ ଚେଷ୍ଟା କରିଛି। ଆଶା କରିବି ପାଠକମାନେ ବୁଝିବାକୁ ଚେଷ୍ଟା କରିବେ।

ଏ ସଂକଳନଟିରେ ଅନେକ କବିତା ପାଠ କରି ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ, ନିଜର ମତାମତ ସହିତ ପୁସ୍ତକଟିର ନାମକରଣ କରିଛନ୍ତି। ମୁଁ ତାଙ୍କ ନିକଟରେ କୃତଜ୍ଞ। କବି ଅଜୟ କୁମାର ବେହେରା, କବି ଶଶିକାନ୍ତ ଦାସ, ଅଧ୍ୟାପକ ପ୍ରେମାନନ୍ଦ ଖଣ୍ଡୁଆଳ, କବି ପୀତାମ୍ବର ମହାପାତ୍ର, ରଘୁନାଥ ମହାନ୍ତି, ଶ୍ରଦ୍ଧେୟ ଅଭୟ କୁମାର ଜେନା, କବି ସୁରଥ ଚନ୍ଦ୍ର ରାଉତ, ଦେବ ପ୍ରସାଦ କର, କବି ସସ୍ମିତା ପଣ୍ଡା ପ୍ରମୁଖଙ୍କ ପ୍ରେରଣା ମୋତେ ଆଗକୁ ବଢ଼ାଇଛି। ପ୍ରକାଶିତ ସମସ୍ତ କବିତା ୨୦୨୧ ଓ ୨୦୨୨ ମସିହାରେ ପୂଜାସଂଖ୍ୟା ପତ୍ରିକାରେ ପ୍ରକାଶିତ। ସେ ସବୁ ପତ୍ରିକାର ସଂପାଦକଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି। ବନ୍ଧୁ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଉତ୍ସାହ ମୋର ସବୁଦିନ ପାଇଁ ମନେରହିବ।

ଏ ସଂକଳନଟିକୁ ସର୍ବାଙ୍ଗ ସୁନ୍ଦର କରିବାପାଇଁ ଅଧ୍ୟାପକ ଡକ୍ଟର ବିନୋଦ କୁମାର ମଲ୍ଲିକଙ୍କ ସହଯୋଗ ଓ ଶ୍ରୀ ଗଣେଶ ପ୍ରିଣ୍ଟର୍ସର ପରିଚାଳକ ସୁବ୍ରତ କୁମାର ମହାପାତ୍ର ଅକୁଣ୍ଠ ସାହାଯ୍ୟ ସହଯୋଗ ପୁସ୍ତକଟିକୁ ସୁନ୍ଦର ପରିପାଟୀ ପ୍ରଦାନ କରିଛି। ସେ ମହାନୁଭବଙ୍କ ନିକଟରେ ଅନ୍ତରର ଗଭୀରତମ ପ୍ରଦେଶରୁ କୃତଜ୍ଞତା ପ୍ରକାଶ କରୁଛି।

❤ ସରପଡ଼ା, ବୋଧଙ୍ଗ,
ନିଷ୍କିନ୍ତକୋଇଲି
କଟକ-୭୫୪୨୦୭
ମୋ: ୯୯୩୭୬୮୯୮୩୮

---

୨ ସୃଜନ ଆଳାପ....

କବିତା ପରି କବିର ବ୍ୟକ୍ତି ଚରିତ୍ର ବି ସରଳ ତରଳ ନିଷ୍କପଟ ହେବା ଏକାନ୍ତ ଆବଶ୍ୟକ : ସୁନୀଲ ମିଶ୍ର

କବି ସୁନୀଲ ମିଶ୍ର ଓଡଆ କବିତା ଜଗତରେ ଗୋଟେ ଜଣାଶୁଣା ନାଁ । ତାଙ୍କ କବିତାମାନଙ୍କରେ ଅଛି ଚନ୍ଦ୍ରବିଧୌତ ରଜନୀ ପରି ଯେଉଁ ସମ୍ମୋହନୀ ଶବ୍ଦ, ମେଘର ବଳୟ ପରି ଛଳଛଳ ଭାବ ଏବଂ ପ୍ରାର୍ଥନା ପରି ମୋହମୟ ଉପସ୍ଥାପନା ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଦେଖାଏ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୌରିନ୍ଦ୍ରୀ ସାହୁ

■ କବିତା କାହିଁକି ? କେବେଠୁଁ କେମିତି ସାମିଲ ହେଲେ ଏ କବିତା ଯାତ୍ରାରେ ?

■■ ନିଜଠି ନିଜେ ଓହ୍ଲେଇଯିବାର ନିବିଡ଼ ଅଭିଯାତ୍ରା ତଳୁ କବିତାର ସ୍ପଂଦନ। ନିଜଠି ନିଜକୁ ସମର୍ପି ଦେବାର ନିକାଞ୍ଚନ ନାଂଦନିକତା ତାର ଅଭିସାର। ପୁଣି ଲୁହ ପୋଛି ସ୍ୱପ୍ନ ଆଉ ପୁଲକର ଲଳିତ ପଦ୍ମରାଗ ବୁଣିଦେବା ଇ ତାର ସ୍ନିଗ୍ଧ ସଂକଳ୍ପ। ଅତଏବ କବିତା ଖାଲି କେଇପଦ ଧାଡ଼ି ନୁହେଁ ଅସୁମାରି ଅଦେଖା ଅଦଉତିକୁ ନେଇ ମୁହୁର୍ମୂହୁ ଗଢ଼ା ହେଉଥିବା ଜୀବନର ଗପ। ଏଯାବତ୍ ଅର୍ପିତ ଅନୁରାଗର ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ତ କବିତାର ଏ କମନୀୟ ପଦପାତ। କେବେଠୁ କହିଲେ, ମୁଁ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଜଣେ ସାଙ୍ଗକୁ ନେଇ ଲେଖିଥିବା କବିତା ବୋଧହୁଏ ମୋର ପ୍ରଥମ ଲିଖିତ ସର୍ଜନା। ପରେ ଯୁକ୍ତ ଦୁଇ ପଢ଼ିବା ସମୟରୁ କବିତା ପ୍ରକାଶନର ଆରମ୍ଭ।

■ କିଏ ଆପଣଙ୍କ ସାହିତ୍ୟ ଆଦର୍ଶ ? ଆପଣଙ୍କ କବିତାର ପାଠକୀୟତାକୁ ନେଇ ଆପଣ କେତେ ମାତ୍ରାରେ ସନ୍ତୁଷ୍ଟ ?

■■ ମୋ ସାହିତ୍ୟ ଆଦର୍ଶ କହିଲେ ପ୍ରଥମେ ମୋର ବାପା ଦୟାନିଧି ମିଶ୍ର, ଯିଏ କବିତା ଗପ ଉଭୟ ଲେଖୁଥିଲେ ମୁଁ ପିଲା ଥିଲାବେଳେ। ଘରକୁ ଆଣୁଥିଲେ ଗଦା ଗଦା ସାହିତ୍ୟ ପତ୍ରିକା। ମୁଁ ଭାବପ୍ରବଣ ହେବାର ବୟସରେ ଇ ପଢ଼ି ଶୁଣାଉଥିଲେ ସଂଗୁପ୍ତ ପ୍ରାଣର କୋମଳ ଆବେଦନରେ ଭରା ଅନେକ କବିତା, ଯାହା ଭାବ ତଳେ ହଜିଯିବାର ହିଲ୍ଲୋଳ ତୋଳିଥିଲା ମୋ ପ୍ରାଣରେ। ଏହା ସହିତ ଆମ ପାଠ୍ୟ ପୁସ୍ତକ ସାହିତ୍ୟ ବହିର ଉତ୍ତର ଲେଖିଲା ବେଳେ ବାପାଙ୍କ ପ୍ରଦତ୍ତ ଉପକ୍ରମଣିକା ମୋତେ ଦେଖାଇଥିଲା ଶବ୍ଦ ସୌନ୍ଦର୍ଯ୍ୟ ଓ ଭାବ ଗାମ୍ଭୀର୍ଯ୍ୟର ବିପୁଳ ଭବଲୋକ। ବାପା ଯଦିଓ ରାଜନୀତି ବିଜ୍ଞାନରେ ଏମ୍.ଏ. ତେବେ ବି କବିବର ରାଧାନାଥ, ପଣ୍ଡିତ ଗୋପବନ୍ଧୁ, ସ୍ୱଭାବ କବି ଗଙ୍ଗାଧର ଆଦିଙ୍କ ଧାଡ଼ିସବୁ ତଥା ଅନେକ ପ୍ରାଚୀନ ରଚନାବଳୀ ତାଙ୍କ କଣ୍ଠରୁ ଅନର୍ଗଳ ଗାୟନର ଗୁଂଜରଣ ତୋଳି ବର୍ଷି ଯାଉଥିଲା ଯେଉଁଥିରେ ଓଦା ହେଇଯାଉଥିଲା ମୋର ଅନ୍ତଃକରଣ। ପ୍ରତିଟି ନୂଆ ଶ୍ରେଣୀରେ ମୁଁ ପ୍ରଥମେ ହିଁ ପଢ଼ିଯାଉଥିଲି ସାହିତ୍ୟ ବହିର ଆମୂଳଚୂଳ। କବିତା ପୁଣି ଉପଯୁକ୍ତ ଆବୃତ୍ତି ସହ। ଯଦିଓ ପରବର୍ତ୍ତୀ ସମୟରେ ମୁଁ ବିଜ୍ଞାନର ଛାତ୍ର ହୋଇଥିଲି।

■ ଆଜିର କବିତା ଦୁର୍ବୋଧ ବୋଲି ଅଭିଯୋଗ ହୁଏ, ଏହାର ସତ୍ୟତା କେତେ ? ଏହାର କାରଣ କଣ ଓ ନିରାକରଣ କେମିତି ହୋଇପାରିବ ?

■■ ଆନନ୍ଦ ଦେବା ତଥା ଉର୍ଦ୍ଧ୍ୱଚେତନ କରିବା କବିତାର ଏକ ମୌଳିକ ଆଭିମୁଖ୍ୟ। ଆନନ୍ଦର ବି ବିଭିନ୍ନ ସ୍ତର ଅଛି। ଯେପରିକି କିଏ ଖେଳଣା ଗଡ଼େଇ ଆନନ୍ଦ ପାଏ, କିଏ ବୌଦ୍ଧିକ ପୁସ୍ତକ ପାଠ କରି ଆନନ୍ଦ ପାଏ। କବିତା ସେଇମିତି ଉପଯୁକ୍ତ ସ୍ତର ଅନୁଯାୟୀ ପାଠକ ଲୋଡ଼େ। ଜଣେ ଶାସ୍ତ୍ରୀୟ ସଙ୍ଗୀତଜ୍ଞ କେବେ ତାଳି ସାଉଁଟିବା ପାଇଁ ଶସ୍ତା ମେଲୋଡ଼ି ମଞ୍ଚକୁ ଆସେନା। ତେଣୁ କବିତା ଜଣକ ପାଇଁ ଦୁର୍ବୋଧ୍ୟ ହେଲେ ଆଉ ଜଣକ ପାଇଁ ଉପଭୋଗ୍ୟ ଓ ଶିହରଣପ୍ରଦ। ତେବେ ଆମ ଓଡ଼ିଆ ବା ଭାରତୀୟ ପାଣିପବନରେ ଖାପ ଖାଉ ନଥିବା ବିଦେଶୀ ଉପମା ବା ଚିତ୍ରକଳ୍ପର ପ୍ରୟୋଗଜନିତ ଦୁର୍ବୋଧ୍ୟତା ବର୍ଜନୀୟ। ତେବେ ବି ଦୁର୍ବୋଧ୍ୟତା ଦୂର କରିବା ଆଳରେ କବିତାକୁ ଶସ୍ତା କରିବା ଉଚିତ୍ ନୁହେଁ। ତେବେ ସମ୍ପ୍ରତି କବିତା ମଧ୍ୟରୁ ଅଧିକାଂଶ କବିତା ହିଁ ନୁହେଁ। ସମୟ ସମୟରେ କବିତାର ଦୁର୍ବୋଧ୍ୟତା ଏହାର ସର୍ଜନା ସମୟରୁ ହିଁ ସୃଷ୍ଟ। ଅର୍ଥାତ୍ କବିତାଟି ଉପଯୁକ୍ତ ସାନ୍ଦ୍ରତା ପାଇବା ଆଗରୁ ହିଁ କବି ଉପଯୁକ୍ତ ନ୍ୟାୟ ନ ଦେଇ ତାକୁ ଭୂମିଷ୍ଠ କରିଦିଏ। ଫଳରେ ସେଥିରେ ଅନେକ ଅଭାବ ଦୁର୍ବୋଧ୍ୟତା ରୂପେ ଭାସିବୁଲେ। ତେଣୁ କବିତାକୁ ଆଉ ଟିକେ ସାନ୍ଦ୍ର ହେବାକୁ ଦିଆଯାଉ, ଯାହା ଆପେ ଆପେ ସରଳ ହେଇଯିବ।

■ ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପରିବ କି ?

■■ ସତ କଥା, ମାତୃଭାଷା ଏବେ ସଂକଟରେ। ଏହା ବି ସତ ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି ମିଳି ପାରିବ। କବିତା ଏକ ଭାବଗତ ଆଲୋଡ଼ନ ତୋଳେ। ଯେଉଁ ସମୟ ପିଲାମାନଙ୍କ ସ୍ୱପ୍ନ ଦେଖିବା ବୟସ, ଭାବପ୍ରବଣ ହେବାର ବୟସ, ସର୍ଜନଶୀଳତା ବିକଶିତ ହେବାର ବୟସ ସେଇ ସମୟ ହିଁ କବିତାମୟ ପଥଟିଏ । ଲୋଡେ। ସେମାନଙ୍କୁ ପୁଲକିତ, ଶିହରିତ, ସ୍ୱପ୍ନାବିଷ୍ଟ କରିବା ଭଳି କବିତାର ଅଭାବ ନାହିଁ ଓଡ଼ିଆ ଭାଷାରେ। ଅଥଚ, ବିଡ଼ମ୍ବନାର ବିଷୟ ହେଉଛି ସାହିତ୍ୟ ବହିର ସରଳାର୍ଥରେ ସେମାନଙ୍କ ନିଜର ସର୍ଜନଶୀଳତାର ଉପଯୋଗ ନ କରି ବରଂ ଜଟିଳାର୍ଥ ରୂପେ ଘୋଷାଇ ଦିଆଯାଏ ପରୀକ୍ଷାରେ ପଢ଼ିବା ଆଳରେ। ବ୍ୟାକରଣ ପୃଷ୍ଠାରେ କେବଳ ସଂଜ୍ଞା ହୋଇ ରହିଯାଏ ଅନୁପ୍ରାସ, ଯମକ, ବଙ୍ଗଳାଶ୍ରୀ ବା କଳହଂସ କେଦାର। ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ କୌଣସି ବି କ୍ଷେତ୍ରରେ। ଗୋଟେ ଗଠନମୁଖୀ ବୟସର ଗଢ଼ଣ ସାହିତ୍ୟ ବିମୁଖ ହୁଏ, ପ୍ରକାରାନ୍ତରେ ଭାଷା ବିମୁଖ ହୁଏ, ରୁଚିବୋଧ ନିମ୍ନ ମାନର ହୋଇ ତିଆରି ହୋଇଯାଏ। ଜ୍ଞାନ ବ୍ୟାବସାୟିକ ହୁଏ ଓ ବ୍ୟକ୍ତିତ୍ୱ ସ୍ୱାର୍ଥାନ୍ଧ ହୁଏ। ଆଗରୁ କ'ଣ ହେଉଥିଲା ନା, ବାଟରେ ଯାଉ ଯାଉ ଅକ୍ଷୟ ମହାନ୍ତିଙ୍କ ଗୀତ କାନରେ ପଡୁଥିଲା, ବିଭିନ୍ନ ପାଲା, ଦାସକାଠିଆର ଲହର ଆଲୋଡ଼ିତ ତଥା ଆନନ୍ଦିତ କରୁଥିଲା ଯାହା ସମୃଦ୍ଧ ସାହିତ୍ୟ ହିଁ ଥିଲା। ଏବେ ସେସବୁ ନାହିଁ। ତେବେ ଭାବପ୍ରବଣ ବୟସକୁ ସାହିତ୍ୟମନସ୍କ ଓ ମାତୃଭାଷାମୁଖୀ କରିବାର ଶକ୍ତି କବିତାର ଅଛି। କେବଳ ଏ ଦିଗରେ ବିଭିନ୍ନ କର୍ମଶାଳା, ସେମିନାର, ପ୍ରତିଯୋଗିତା ପରି କାର୍ଯ୍ୟକ୍ରମ ଆବଶ୍ୟକ ଯାହା କରିବା ପାଇଁ ସରକାରଙ୍କର କି ତଥାକଥିତ ସାହିତ୍ୟିକଙ୍କର ଆନ୍ତରିକତା ନାହିଁ। ଦୁଃଖର କଥା ଶିକ୍ଷକ ଓ ଅଧ୍ୟାପକମାନେ ପତ୍ରିକା କିଣନ୍ତି ନାହିଁ, ଅଧିକାଂଶଙ୍କ ଘରେ ବହି ଆଲମାରୀ ନାହିଁ, ଓଡ଼ିଆ ଅଭିଧାନଟିଏ ବି ନାହିଁ।

■ ଜଣେ କବି ଭାବରେ ମଣିଷର ସାମାଜିକ ଦାୟିତ୍ୱ କ'ଣ ହେବା ଉଚିତ୍ ?

■■ ଏହା ପୂର୍ବରୁ ତ କହି ଯାଇଛି, ଜଣେ କବି ହେଉ ବା ଯେ କୌଣସି ସାହିତ୍ୟିକ ହେଉ ପରବର୍ତ୍ତୀ ପିଢ଼ି ମଧ୍ୟରେ ମାତୃଭାଷା ପ୍ରତି ମମତ୍ୱବୋଧ ଜାଗ୍ରତ କରିବା ପ୍ରମୁଖ ଦାୟିତ୍ୱ। କବିତା ପରି କବିର ବ୍ୟକ୍ତି ଚରିତ୍ର ବି ସରଳ ତରଳ ନିଷ୍କପଟ ହେବା ଏକାନ୍ତ ଆବଶ୍ୟକ। କହଲେ, କବିବର ରାଧାନାଥଙ୍କ ପରି ନିଜ ଦୋଷକୁ ସର୍ବସମ୍ମୁଖରେ ସ୍ୱୀକାର କରିଯିବାର ସତସାହସ ଆଜିକାର କେତେ ଜଣ କବିଙ୍କର ଅଛି ? ଏତଦ୍ ବ୍ୟତୀତ କବି ବା ସାହିତ୍ୟିକଟିଏ ଯଦି ମଦ୍ୟପ, ଲୁଣ୍ଠନକାରୀ, ନଷ୍ଟ ଚରିତ୍ର ହୁଏ ଏବଂ ଏହା ସହିତ ସମ୍ଭ୍ରାନ୍ତ ପତ୍ରିକାରେ ପ୍ରକାଶିତ ହୁଏ ଏବଂ ପ୍ରତିଷ୍ଠିତ ସଂସ୍ଥାମାନଙ୍କଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୁଏ ଏହାଠାରୁ ବଳି ବିଡ଼ମ୍ବନା ଆଉ କ'

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୫ ନଭେମ୍ବର ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଚେତନାର ଦର୍ପଣ - ୪

॥ ଏକତା ॥

♥ ଲଳିତ ମୋହନ ମିଶ୍ର

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜରେ ତା'ର ଜନ୍ମ । ପ୍ରକୃତିର ପାଣି ପବନରେ ସେ ବଢ଼େ, ସମାଜରେ ତା'ର କର୍ତ୍ତବ୍ୟ ସମ୍ପାଦନ କରି ବିଦାୟ ନିଏ । ସମାଜରେ ଚଳିବାକୁ ହେଲେ ସମାଜରେ ବାସ କରୁଥିବା ସଦସ୍ୟମାନଙ୍କ ସହିତ ଏକତା ଓ ସମନ୍ୱୟ ଜୀବନଯାପନ କରିବାକୁ ପଡ଼େ । ଏକତ୍ର ବାସ କରିବା ଫଳରେ ଏକ ସୁସ୍ଥ ସମାଜ ଗଠନ ହୋଇଥାଏ । ଯେଉଁଦିନ ମନୁଷ୍ୟ ସମାଜଠାରୁ ଅଲଗା ହେବାକୁ ଚିନ୍ତା କରିବ ସେହିଦିନ ସେ ଧ୍ୱଂସ ପଥର ଯାତ୍ରୀ ହେବ । ଥରେ ହାତର ପାଞ୍ଚଟି ଆଙ୍ଗୁଠି ମଧ୍ୟରେ ଝଗଡ଼ା ହୋଇଥିଲା । ଏହି ପାଞ୍ଚ ଜଣ ପରସ୍ପରଠାରୁ ନିଜକୁ ବଡ଼ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କଲେ । ବୁଢା ଆଙ୍ଗୁଠି କହିଲା - ମୁଁ ସବୁଠାରୁ ବଡ଼ । ଏବଂ ତା ପାଖରେ ଥିବା ବିଶି ଆଙ୍ଗୁଠି କହିଲା - ମୁଁ ସବୁଠାରୁ ବଡ଼ । ସମସ୍ତେ ନିଜକୁ ବଡ଼ ପ୍ରମାଣିତ କଲେ । କିଏ ବଡ କିଛି ନିଷ୍ପତ୍ତି ହୋଇପାରିଲା ନାହିଁ । ସମସ୍ତେ ଅଦାଲତକୁ ଗଲେ । ବିଚାରପତି ସମସ୍ତ କଥା ଶୁଣି ପାଞ୍ଚ ଜଣଙ୍କୁ କହିଲେ - ପ୍ରମାଣ କର ତୁମେ କେମିତି ବଡ଼ ? ବୁଢା ଅଙ୍ଗୁଠି କହିଲା - ମୁଁ ସବୁଠାରୁ ଶିକ୍ଷିତ । କାରଣ ଲୋକମାନେ ଦସ୍ତଖତ ବଦଳରେ ମୋତେ ବ୍ୟବହାର କରନ୍ତି । ଯେଉଁମାନେ ଦସ୍ତଖତ କରିପାରିବେ ନାହିଁ ସେମାନେ ମୋ ଆଙ୍ଗୁଠି ବ୍ୟବହାର କରନ୍ତି । ଲୋକମାନେ ମୋତେ ଜଣେ ବ୍ୟକ୍ତିର ପରିଚୟ ଭାବେ ବ୍ୟବହାର କରୁଛନ୍ତି । ବିଶି ଆଙ୍ଗୁଠି କହିଲା - ଆପଣମାନେ ମୋତେ ମାପିନାହାଁନ୍ତି, ନଚେତ୍ ମୁଁ ସବୁଠାରୁ ବଡ଼ । ତା ପାଖରେ ଥିବା ଆଙ୍ଗୁଠି କହିଲା - ମୁଁ ସବୁଠାରୁ ଧନୀ । କାରଣ ଲୋକମାନେ ମୋ ଭିତରେ ହୀରା, ଅଳଙ୍କାର ଏବଂ ମୁଦି ପିନ୍ଧିଥାନ୍ତି । ସେହିଭଳି ସମସ୍ତେ ନିଜ ନିଜର ପ୍ରଶଂସା କଲେ । ବିଚାରପତି ଏବେ ରସଗୋଲ୍ଲା ଆଣି ଆଙ୍ଗୁଠିରେ ଉଠାଇବାକୁ କହିଲେ । ବୁଢା ଆଙ୍ଗୁଠିଟି ବହୁ ଚେଷ୍ଟା କରିଥିଲେ ମଧ୍ୟ ରସଗୁଲ୍ଲା ଉଠାଇ ପାରିଲା ନାହିଁ । ଏହାପରେ ସବୁ ଆଙ୍ଗୁଠି ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଶେଷରେ ବିଚାରପତି ସମସ୍ତଙ୍କୁ ରସଗୋଲ୍ଲାକୁ ଏକାଠି ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତେ ମିଶି ରସଗୋଲ୍ଲାକୁ ଉଠାଇଥିଲେ । ବିଚାରପତି ରାୟ ଦେଇଥିଲେ - ଆପଣମାନେ ସମସ୍ତେ ପରସ୍ପର ବିନା ଅସମ୍ପୂର୍ଣ୍ଣ । ଏକାକୀ ରହିବା ପାଇଁ ଆପଣଙ୍କର ଶକ୍ତି ନାହିଁ । ସଂଗଠିତ ହୋଇ ରହିଲେ ଆପଣମାନେ ସହଜରେ କଠିନ ପରିଶ୍ରମ କରିପାରିବେ । ଭାରତୀୟ ସଂସ୍କୃତି ବ୍ୟକ୍ତିଗତ ପରିଚୟ ଅପେକ୍ଷା ସାମାଜିକ ଏକାତ୍ମ ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସିଛି । ମଣିଷ ଚାହିଁଲେ ବେଶୀଦିନ ଏକୁଟିଆ ରହିପାରିବ ନାହିଁ । ମାଛ ଯେମିତି ଜଳ ବିନା ବଞ୍ଚି ପାରିବ ନାହିଁ, ଠିକ୍ ସେହିପରି ମଣିଷ ସମାଜ ବ୍ୟତିରେକେ ସ୍ଥିତି ଦୋଦୁଲ୍ୟମାନ ଓ ଅସମ୍ଭବ । ତେଣୁ ସୃଷ୍ଟିର ପୁରାକାଳରୁ ମଣିଷ ଏକତା ସୂତ୍ରରେ ବାନ୍ଧି ହୋଇ ରହିଆସୁଅଛି । ତେଣୁ ସନାତନ ଧର୍ମରେ କୁହାଯାଇଛି 'ବସୁଧୈବ କୁଟୁମ୍ବକମ୍'...

♥ ମୋ: ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

ପୃଷ୍ଠା ୬

ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

ମୋ ମାଆ ସୁବର୍ଣ୍ଣରେଖା

ଆମର ନଈକୂଳିଆ ଗାଆଁ

ଡ. ଶ୍ରୀକାନ୍ତ ଚରଣ ପାତ୍ର

(୬)

ଜୀବନର ଗତିପଥ ପରିଦର୍ତ୍ତନ: ଯୁବ ସରପଞ୍ଚ ମଥାରେ ବୋଝ

୧୯୬୬ ମସିହା ମେ/ଜୁନ ମାସରେ ଅର୍ଥଶାସ୍ତ୍ରରେ ଏମ.ଏ ପରୀକ୍ଷା ଦେଲି । ସେତେବେଳେ ସାରା ଓଡିଶାପାଇଁ ଏକମାତ୍ର ବିଶ୍ୱବିଦ୍ୟାଳୟ - ଉତ୍କଳ ବିଶ୍ୱବିଦ୍ୟାଳୟ । ମୋ ବିଷୟରେ ଏମ.ଏ ପଢିବାର ସୁବିଧାଥାଏ କେବଳ ରେଭେନ୍ସା ମହାବିଦ୍ୟାଳୟରେ ଓ ପ୍ରୟୋଗାତ୍ମକ ଅର୍ଥଶାସ୍ତ୍ରରେ ଥାଏ ବାଣୀବିହାରରେ । ପରୀକ୍ଷାଫଳ ବାହାରିଲା ନଭେମ୍ବରରେ । ସ୍ୱାଭାବିକ ଭାବରେ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପକ ଓ ସରକାରୀ କାର୍ଯ୍ୟାଳୟରେ ନିଯୁକ୍ତିପାଇଁ ଦରଖାସ୍ତ କରୁଥାଏଁ ।

ମୁଁ ସାମୟିକ ଭାବରେ ଶ୍ରୀଅରବିନ୍ଦ ବିଦ୍ୟାପୀଠ, ଅମର୍ଦ୍ଦା, ମୟୂରଭଞ୍ଜରେ ଶିକ୍ଷକ ଭାବରେ ଯୋଗ ଦେଇଥାଏ । ପ୍ରଧାନ ଶିକ୍ଷକ ଥାଆନ୍ତି ବିପ୍ଳବୀ ଶିକ୍ଷକ ନେତା ଅନନ୍ତ କୁମାର କର ।

ଫେବୃୟାରୀ /ମାର୍ଚ୍ଚ ୧୯୬୭ରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେଲା । ଦିନେ ଆମ ଗାଆଁର ଦୁଇଜଣ ଶିକ୍ଷକ ଯାଇ ସେଠାରୁ ମୋତେ ନେଇଆସି ପ୍ରବର୍ତ୍ତାଇଲେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାପାଇଁ । ସେମାନେ ବାପାଦାଦିଙ୍କୁବି ବୁଝାଇଲେ । ଏଥର ସରପଞ୍ଚ ଭାବେ ଜିତିଲେ, ଏହାପରେ ପ:ସମିତିର ଚେୟାରମ୍ୟାନ ଓ ଶେଷରେ ବିଧାୟକ ହେବି । ବାପା ସରଳ ଲୋକ, ସେମାନଙ୍କ କଥାରେ ଚାତୁରୀରେ ଭୁଲି ଗଲେ, ମୁଁ ତ ଯୁବକ । ମାତ୍ର ସେମାନେ ଯେ ମୋର କ୍ଷତି କରିବା ପାଇଁ ଏଭଳି ଚକ୍ରାନ୍ତ କରିଥିଲେ, ଆମେ ସେ ସମୟରେ ବୁଝିପାରିଲୁନି । ସେଇମାନଙ୍କ ପରାମର୍ଶରେ ସରପଞ୍ଚପଦ ପାଇଁ ପ୍ରାର୍ଥୀପତ୍ର ଦାଖଲକଲି । ସେତେବେଳେ ପ୍ରତି ଗ୍ରାମପଞ୍ଚାୟତର ଆକାରଥାଏ ବହୁତବଡ । ମୋ ନିଜ ପଞ୍ଚାୟତ --ଚମାରଗାଆଁ ଗ୍ରା:ପ: ବି ଆକାରରେ ବହୁତ ବଡ । ଅଧିକାଂଶ ଗାଆଁର ଅବସ୍ଥିତି ନଈକୂଳରେ, ମାନେ ସଂପୂର୍ଣ୍ଣ ଭାବରେ ନଦୀ ଆଡିଆରେ ।

ମୋପାଇଁ ସମସ୍ୟା ହେଲାଯେ ମୋ ନିଜ ଗାଆଁ ଓ ଆଖପାଖରେ ଦୁଇ, ତିନିଟି ଗାଆଁ ବ୍ୟତୀତ ଅନ୍ୟଆଡେ ମୋତେ ପ୍ରାୟ କେହି ଜାଣି ନଥାନ୍ତି , କେବଳ ଯୁବକ ଓ ପାଠପଢୁଥିବା ପିଲାଙ୍କ ବ୍ୟତୀତ । କଣ କରିବି, କିଏ ମୋତେ ସାହାଯ୍ୟକରିବ ? ---ଏଇକଥା ସବୁବେଳେ ଭାବିବା ସହିତ ବନ୍ଧୁମାନଙ୍କ ସହିତ ଆଲୋଚନା ବି କରୁଥାଏ । ବାପା ଏସବୁ ଦେଖି ଆଉ ସହି ପାରିଲେନି । ମୋତେ କହିଲେ,'ଆମର ଗରିବଘର । କାହିଁକି ଏପାଇଁ ମନ ବଳାଇଲୁ ? ଯେତେବେଳେ ନିଆଁକୁ ଡେଇଁଛୁ, ସେଥିରୁ ବାହାରିବୁ କିମିତି ଚେଷ୍ଟାକର । ଯା, ତୋ'ରି ବୟସର ପିଲାମାନଙ୍କ ସହିତ ସଂପର୍କ ବଢା । ନିଶ୍ଚୟ ଫଳ ଫଳିବ ।'

ସତକୁସତ, ତାଙ୍କର ସେ ପରାମର୍ଶ ମେଜିକ୍ ଭଳିଆ କାମଦେଲା । ସେଇ ସମୟରେ ଖୁବ୍ କମ ପିଲା ପାଠ ପଢୁଥାନ୍ତି । ମୁଁ ଏମ.ଏ.ପଢିଛି , ପୁଣି ଚାକିରୀ ନକରି ଦେଶସେବା କରିବାକୁ ମନବଳାଇଛି ଜାଣି ଅଧିକାଂଶ ଯୁବକ ଓ ସେମାନଙ୍କ ଅଭିଭାବକମାନେ ମୋପ୍ରତି ଆକୃଷ୍ଟ ହେଲେ । ବହୁ ଅଧିକ ଭୋଟରେ ଜିତିଲି । ବୋଧହୁଏ, ଜଳେଶ୍ୱର ବ୍ଲକ ଇତିହାସରେ ମୁଁ ଥିଲି ପ୍ରଥମ ଏମ.ଏ .ସରପଞ୍ଚ ।

ଏହାର ଚାରି ମାସପରେ ବିକ୍ରମଦେବ କଲେଜ, ଜୟପୁରରେ ମୋତେ ଅଧ୍ୟାପକ ଭାବରେ ଆଡହକ ନିଯୁକ୍ତି ମିଳିଲା । ଛମାସ ଭିତରେ ଚାକିରୀ ସ୍ଥାୟୀହେବ ଏସ.ପା.ସା.କ. ଦ୍ୱାରା । ମୋ ମନ ବ୍ୟାକୁଳ ହେଲା । ଆମର ଅଭାବୀଘର, ଦିପଇସା ରୋଜଗାର କରିବା ନିହାତି ଦରକାର । ସେଇପୂର୍ବ ବଞ୍ଚିତ ତଥାକଥିତ ହିତାକାଂକ୍ଷୀମାନଙ୍କ ପରାମର୍ଶରେ ସରପଞ୍ଚ ପଦବୀ ଛାଡି ଅଧ୍ୟାପକ ହୋଇପାରିଲିନି । ପୁଣି ମୋର ପ୍ରତିଦ୍ୱନ୍ଦିତା ହେଲା ମୋର ଜଣେ ଆମଘର ବଂଧୁଙ୍କ ସହିତ ଯାହାଙ୍କ ସହିତ ସେମାନଙ୍କର ଆଦୌ ସୁସଂପର୍କ ନଥିଲା । ନିର୍ବାଚନ ପରେ ତାଙ୍କ ସହିତ ଆମର ସଂପର୍କ ଭାଙ୍ଗିଗଲା । ଗୋଟିଏ ଗୁଳରେ ସେମାନେ ଦୁଇଟି ଶୀକାର କଲେ -- ମୋ ଭବିଷ୍ୟତ ନଷ୍ଟକଲେ ଓ ଆମ ଦୁଇ ପରିବାର ଭିତରେ ଶତ୍ରୁତା ସୃଷ୍ଟିହେଲା । ବହୁପରେ ସେମାନଙ୍କ ଚକ୍ରାନ୍ତ ବୁଝିପାରିଲୁଁ । ଜଣେ ମୂଲଲାଗି ଚଳୁଥିବା ବାପର ପୁଅର ନିଶ୍ଚିତ ରୋଜଗାର ରହୁ ଓ ସେ ଜଣେ ଗେଜେଟେଡ ଅଫିସର ହେଉ ସେଥା ସେମାନେ ଚାହୁଁନଥିଲେ । ଯାହେଉ, ପୂର୍ବରୁ କହିଛିଯେ ଆମର ହେଉଛି ନଈକୂଳିଆ ଗାଆଁ, ପୁଣି ମୁଁ ହେଲି ନଈକୂଳିଆ ପଞ୍ଚାୟତର ସରପଞ୍ଚ । ଆହୁରି ମଧ୍ୟ ଆମ ଆଡେତ ବର୍ଷାଦିନରେ ପ୍ରାୟ ହାଟପାଳି ଦିନ ବନ୍ୟା ଆସେ । (ହାଟପାଳିଆବନ) ।

ପ୍ରାୟ ୧୯୬୮ ମସିହାରେ ସତକୁସତ ୪/୫ଥର ବନ୍ୟା ଆସିଲା । ବ୍ଲକରେ ବିଡିଓଙ୍କୁ କହି ଆମ ପଞ୍ଚାୟତପାଇଁ ଗୋଟିଏ ନୌକା ସଂରକ୍ଷିତ ରଖିଲି । ନୌକା ମାଲିକକୁ କହିଥିଲିଯେ ବନ୍ୟା ପାଣି କୂଳ ଟପିଲେ ସେ ନିଶ୍ଚିତଭାବରେ ଆମଘରକୁ ନୌକା ଆଣିବ । ଉଦ୍ଦେଶ୍ୟ ହେଲା --ବନ୍ୟାସମୟରେ ମୁଁ ବନ୍ୟାପୀଡିତଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସାହାଯ୍ୟ କରିବି ।

ନୌକା ମାଲିକ ମୋ କଥାମାନି ପ୍ରତିବନ୍ୟାସମୟରେ ନୌକାପଠାନ୍ତି ନାଉରିଆ ସହିତ । ଯେତେଦୂର ସମ୍ଭବ ଲୋକଙ୍କପାଖରେ ପହଞ୍ଚି ସେମାନଙ୍କୁ ସାହାଯ୍ୟକରିଛି । ଲୋକଙ୍କର ବିଶ୍ୱାସକୁ ଭାଙ୍ଗିନାହିଁ ।

ବେଶୀସମସ୍ୟା ହେଲା ବନ୍ୟାପରେ । ଯେତେ ଖରାହୁଏ ବନବୁଡି ଗାଆଁମାନଙ୍କରେ ଦୁର୍ଗନ୍ଧ ସେତେ ଅସହ୍ୟହୁଏ । କାରଣ ହେଲା -- ବନ୍ୟାସମୟରେ ମାଟିଉପରେ ପାଣିଚାଲିଲେ ଓ ବୁଡିକି ରହିଲେ ମାଟିତଳେ ଥିବା କେଞ୍ଚୁଆ (ଜିଆ) ମାନେ ଉପରକୁ ଆସନ୍ତି ଓ ଅତ୍ୟଧିକ ପାଣି ଓ ସୁଅଯୋଗୁଁ ମରିଯାଆନ୍ତି । ସେଇମାନଙ୍କ ମୃତଦେହରୁ ଦୁର୍ଗନ୍ଧ ବାହାରି ବାୟୁମଣ୍ଡଳକୁ ବିଷାକ୍ତ କରିଦିଏ । ମୁଁ ତ ସେ ଜାଗାମାନଙ୍କରେ ଅଳ୍ପ ସମୟପାଇଁ ରହିକି ସେ ଦୁର୍ଗନ୍ଧ ସହ୍ୟ କରିପାରୁ ନଥାଏ, ସେଇ ଗ୍ରାମମାନଙ୍କର ଅଧିବାସୀମାନେ କିପରି ସ୍ଥାୟୀ ଭାବରେ ରହୁଥିଲେ କେଜାଣି ?

ଅଧିକାଂଶ ଲୋକଙ୍କର ଘର (ଘରମାନେ ପଲାଘର ଓ ମାଟିଘର । ସେତେବେଳେ କାହାରି ପକ୍କାଘର ନଥାଏ ।) ଭାଙ୍ଗିଯାଏ । ସରକାରଙ୍କ ଅବସ୍ଥାବି ଖରାପ । ଦେଶ ସ୍ୱାଧୀନ ହୋଇଥାଏ ମାତ୍ର ୨୦ବର୍ଷତଳେ । ଦେଶ ବିଭାଜନର କୁପରିଣାମ ସମସ୍ତେ ଭୋଗୁଥାନ୍ତି । ପୁଣି ,ଦୁଇଥର ପାକିସ୍ଥାନ ଓ ଥରେ ଚୀନ ଆକ୍ରମଣର ସାମ୍ନା କରିଥାଏ ଭାରତ । ପ୍ରାୟ ସମ୍ବଳଶୂନ୍ୟ ଦେଶ , ରାଜ୍ୟ ବି । ପଞ୍ଚାୟତର କଥା କହିଲେ ନସରେ । ଶିଖରପୁର,ପୀରଘାଟ ଓ ବଜାରଶୋଳ ନୌକାଘାଟର ଆୟର ଅଧା (ବାକି ଅଧକ ଜଳେଶ୍ୱର ଏନ.ଏ.ସି. ନେଉଥାଏ ।) (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ଆଲୋଚନା

ଆମ ଲୋକ ଗଳ୍ପର ପରିଧି ଓ ପ୍ରଶସ୍ତି

ଡଃ. ବାସନ୍ତୀ ମହାନ୍ତି

ମୌଖିକ ସାହିତ୍ୟ ଯେତେ ଶୀଘ୍ର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସଂଚରିଯାଏ ଲିଖିତ ସାହିତ୍ୟରେ ତାହା ସମ୍ଭବ ହୁଏ ନାହିଁ । ମୌଖିକ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ଦୃଶ୍ୟମାନ ଆଧାର ନାହିଁ । ତାଳପତ୍ର ଖେଦା, ଶିଳାଲିପି କିମ୍ବା ମଠ ମନ୍ଦିର ମଧ୍ୟରେ ମୌଖିକ ସାହିତ୍ୟ ଆବଦ୍ଧ ନୁହେଁ । ଗୋଟିଏ ଆଞ୍ଚଳିକ କଥାବସ୍ତୁଟିଏ କେତେବେଳେ କେମିତି ବିଶ୍ୱବ୍ୟାପୀ ହୋଇଯାଏ ତାହା ଜଣାପଡେ ନାହିଁ । କେହି ଉଦ୍ଦେଶ୍ୟ ମୂଳକ ଭାବରେ ଲୋକ ସାହିତ୍ୟକୁ ପରିବ୍ୟାପ୍ତ କରିନଥାଏ । ସ୍ୱଂୟଚାଳିତ ହୋଇ ସାତ ସମୁଦ୍ର ତେର ନଈ ପାର ହୋଇଯାଏ । କୌଣସି ସୀମା ସରହଦ ତାର ଗତିପଥ ପ୍ରତିରୋଧ କରିପାରେ ନାହିଁ । ଲୋକମୁଖର କାହାଣୀ କିମ୍ବଦନ୍ତୀ କଥନିକାମାନ ରୂପାନ୍ତରିତ ହୋଇ ବେଳେବେଳେ କ୍ଲାସିକ୍ ବା ବୌଦ୍ଧିକ ସାହିତ୍ୟ ଭିତରକୁ ପଶି ଆସିବାର ଅନେକ ଦୃଷ୍ଟାନ୍ତ ରହିଛି । ରାମାୟଣ ମହାଭାରତର କଥାବସ୍ତୁ ବହୁଦିନ ଧରି ଲୋକ ମୁଖରେ ସାରା ଭାରତବର୍ଷରେ ବଞ୍ଚିରହିଥିଲା । ରାମକଥାମାନଙ୍କର ମୌଖିକ ପରମ୍ପରାକୁ ପ୍ରଥମମ ବାଲ୍ମିକୀ ଲିପିବଦ୍ଧ କରିଥିଲେ ରାମାୟଣ ଶୀର୍ଷକରେ । ତା'ପରେ ବ୍ୟାସଦେବ ମହାଭାରତୀୟ ଆଖ୍ୟାନ ଉପାଖ୍ୟାନମାନଙ୍କୁ ନେଇ ମହାଭାରତ ରଚନା କରିଥିଲେ । ରାମାୟଣ ବିଶ୍ୱର ଆଦିକାବ୍ୟ ରୂପେ କଥିତ ହୋଇଥିବାବେଳେ ମହାଭାରତ ବିଶ୍ୱର ସର୍ବବୃହତ୍ କାବ୍ୟରୂପେ କଥିତ ହେଲା । କେବଳ ଆକାର ପ୍ରକାର ଦୃଷ୍ଟିରୁ ନୁହେଁ ଏହା ମଧ୍ୟରେ ସନ୍ନିବେଶିତ ଆଖ୍ୟାନ୍ ଉପାଖ୍ୟାନ ମଧ୍ୟ ଗ୍ରୀକ୍ ମିଥ୍ ପର୍ଯ୍ୟନ୍ତ ବ୍ୟାପି ଯିବାର ଦୃଷ୍ଟାନ୍ତ ମିଳେ । ଉଦାହରଣ ସ୍ୱରୂପ ଦୁର୍ଯ୍ୟୋଧନ ଶରୀରକୁ ବଜ୍ରଠାରୁ କଠିନ କରି, ତାକୁ ମରଣାନ୍ତକ ଆକ୍ରମଣରୁ ସୁରକ୍ଷା ଦେବାପାଇଁ ଗାନ୍ଧାରୀ ଚାହିଁଥିଲେ । ଦୁର୍ଯ୍ୟୋଧନକୁ ସ୍ନାନ ସାରି ଉଲଗ୍ନ ହୋଇ ତାଙ୍କ ସମ୍ମୁଖରେ ଉପସ୍ଥିତ ହେବାପାଇଁ ମାତା ଗାନ୍ଧାରୀ ଉପଦେଶ ଦେଇଥିଲେ । କିନ୍ତୁ ଶ୍ରୀକୃଷ୍ଣ ଏହି ଉଦ୍ଦେଶ୍ୟ ଭଣ୍ଡୁର କରିଦେଇଥିଲେ । ମାଆଙ୍କ ପାଖକୁ ସଂପୂର୍ଣ୍ଣ ଉଲଗ୍ନ ହୋଇଯିବା ଅତ୍ୟନ୍ତ ଲଜ୍ଜାଜନକ କହି ଖୁବ୍ ଉପହାସ କରିଥିଲେ । ଦୁର୍ଯ୍ୟୋଧନ ଲଜ୍ଜିତ ହୋଇ ଅଣ୍ଟାଠାରୁ ଜଂଘ ପର୍ଯ୍ୟନ୍ତ କଦଳୀ ପତ୍ରରେ ଆବୃତ ହୋଇ ଆସିଥିଲା । ଗାନ୍ଧାରୀ ଅନ୍ଧପଟ୍ଟିକା ଖୋଲି ନିଜ ପୂଣ୍ୟ ବଳରେ ଦୁର୍ଯ୍ୟୋଧନକୁ ଶକ୍ତିଶାଳୀ କରିବାକୁ ଚାହାଁନ୍ତେ ହତୋତ୍ସାହିତ ହୋଇପଡିଥିଲେ । ଏଥିପାଇଁ ଶ୍ରୀକୃଷ୍ଣଙ୍କୁ ମଧ୍ୟ ସେ ଅଭିସଂପାତ ଦେଇଥିଲେ । ଗାନ୍ଧାରୀଙ୍କର ଦୃଷ୍ଟିରେ ଦୁର୍ଯ୍ୟୋଧନର ସମଗ୍ର ଶରୀର ବଜ୍ରପରି ହୋଇଥିଲା । କିନ୍ତୁ ଜାନୁରେ ରହିଗଲା ତାର ମରଣ ଭେଦ । ଠିକ୍ ସେହିପରି ଗ୍ରୀକ୍ ସାହିତ୍ୟରେ ଦୁର୍ଯ୍ୟୋଧନର ଜାନୁଭଳି ଏକିଲେସ୍‌ଙ୍କର ଗୋଇଠି କଥା । ଏକିଲେସ୍‌ଙ୍କର ମାଆ ଏକିଲେସ୍‌ଙ୍କୁ ବଜ୍ରଠୁ କଠିନ କରିବାପାଇଁ ସୂର୍ଯ୍ୟଙ୍କ ଠାରୁ ବରମାଗିଥିଲା । ଶିଶୁ ଏକିଲେସ୍‌ଙ୍କ ତାର ଦୁଇ ଗୋଇଠି ଧରି ସୂର୍ଯ୍ୟଙ୍କ ଆଗରେ ପ୍ରଦର୍ଶିତ କରିଥିଲା । ସୂର୍ଯ୍ୟଙ୍କ ତେଜରେ ତାଙ୍କର ସମଗ୍ର ଶରୀର ବଜ୍ର ପାଲଟି ଯାଇଥିଲା କିନ୍ତୁ ଯେଉଁ ଗୋଇଠି ଦୁଇଟିକୁ ତାଙ୍କ ମାଆ ପାପୁଲିରେ ମୁଠେଇ ଧରିଥିଲେ ସେଇଠି ରହିଗଲା ଏକିଲେସ୍‌ଙ୍କର ମୃତ୍ୟୁ ଭେଦ । ଏହି ଦୁଇଟି କଥାବସ୍ତୁ କେଉଁଠି ନା କେଉଁଠି ପରସ୍ପର ପ୍ରଭାବିତ ଏହା ଅସ୍ୱୀକାର କରି ହେବ ନାହିଁ । ଆମର ଗୁଣାଢ୍ୟଙ୍କର ଲୋକକଥା ସଂଗ୍ରହ ବୃହତ କଥା ସାଗରର ଗଳ୍ପ ସମୂହ ସାରା ବିଶ୍ୱ ପରିକ୍ରମା କରିଛି । ବିଭିନ୍ନ ପ୍ରାନ୍ତୀୟ ଓ ଅନ୍ତର୍ଜାତୀୟ ସ୍ତରର ଲୋକକଥାମାନଙ୍କରେ ଏହି ଗଳ୍ପମାନଙ୍କର ସୂକ୍ଷ୍ମ ଓ ସ୍ଥୂଳ ସତ୍ତା ଅନୁଭବ କରିହୁଏ । ଏହି ପ୍ରସଙ୍ଗରେ ନବରଙ୍ଗପୁର ଜିଲ୍ଲାର ଲୋକକଥା ସହ ଉପକୂଳବର୍ତ୍ତୀ ଗଳ୍ପଗୁଡିକ କିପରି ପରସ୍ପର ପ୍ରଭାବିତ ସେ ସଂପର୍କରେ ଦୁଇଟି ଗଳ୍ପ ମାଧ୍ୟମରେ ଅନୁଧ୍ୟାନ କରିବା

ମୂଷାରଜା କଥା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ବହୁ ଚର୍ଚ୍ଚିତ ଲୋକଗଳ୍ପ ମୂଷାରଜାଟିଏ ଥିଲା । ତାର ପାଞ୍ଚୋଟି ସ୍ତ୍ରୀ । କାଉ, ବଗ, ବଣି, ପେଚା ଓ ପାରା । ସମସ୍ତେ ମୂଷାରାଜାକୁ ଭଲପାଆନ୍ତି । ଦିନେ ମୂଷାରାଜା ରାଣୀମାନେ ତାଙ୍କୁ ପ୍ରକୃତରେ ଭଲ ପାଉଛନ୍ତି କି ନାହିଁ ପରୀକ୍ଷା କରିବାକୁ ଚାହିଁଲା । ସକାଳୁ ଉଠି ରାଣୀମାନଙ୍କୁ କହିଲା, ମୁଁ ବିଦେଶ କରି ଯାଉଛି । ଅଗଣାରେ ଥିବା ଏକ ତୁଳସୀ ଗଛକୁ ଦେଖାଇ କହିଲା, ଏଇ ଗଛଟି ହେଉଛି ମୋ ଜୀବନ ନାଟିକା । ଏହି ଗଛଟି ଯେ ପର୍ଯ୍ୟନ୍ତ ବଞ୍ଚିଥିବ ସେ ପର୍ଯ୍ୟନ୍ତ ମୁଁ ବଞ୍ଚିଛି ବୋଲି ଜାଣିବ । ଯେଉଁଦିନ ଏ ଗଛଟି ମରିଯିବ ମୁଁ ସେଇଦିନ ମରିଗଲି ବୋଲି ଜାଣିବ । ତମେମାନେ ଶୁଦ୍ଧ ହୋଇ ଯିଏ ଜୁଆଡ଼େ ଯିବ । ମୂଷାରଜାକୁ ବନ୍ଦାପନା କରି ରାଣୀମାନେ ବିଦାୟ ଦେଲେ । ଏଣେ ମୂଷାରଜା ବିଦେଶ କ'ଣ ଯିବ ? ମାଟିଭିତରେ ଭିତରେ ଯାଇ ତୁଳସୀ ଗଛର ମୂଳ କାଟିଦେଲା ଓ ସେଇ ମାଟି ତଳେ ତଳେ ଯାଇ ସଂଗାରେ ଲୁଚି ରାଣୀମାନଙ୍କର କାର୍ଯ୍ୟ କଳାପ ଲକ୍ଷ୍ୟ କଲା । ମୂଷାରଜା କହିବା ଅନୁସାରେ ତୁଳସୀ ଗଛଟି ମରିଯିବାରୁ ମୂଷାରଜା ମରିଯାଇଛି ଭାବି ରାଣୀମାନେ ବାହୁନି ହେଲେ ।

କାଉ ରାଣୀ କାନ୍ଦି କାନ୍ଦି କହିଲା, ମୁଁ ତ କାଉ, ଚାଲଇ ଟାଉଟାଉ, ମୋ କଳାଶାଢ଼ୀ ଖଣ୍ଡ କିଏ ପିନ୍ଧିବ - କାନ୍ତ କୁଁ କୁଁ

ବଗରାଣୀ ବାହୁନି ହେଲା - ମୁଁ ତ ବଗ, ଚାଲଇ ଡଗ ଡଗ- ମୋ ଧଳା ଶାଢ଼ୀ ପିନ୍ଧା କିଏ ଦେଖିବ - କାନ୍ତ କୁଁ କୁଁ

ବଣିରାଣୀ କହିଲା - ମୁଁ ତ ବଣି, ଚାଲେ ପାଦ ଗଣି ଗଣି, ମୋ ପାଦଚାଲି କିଏ ଗଣିବ- କାନ୍ତ କୁଁ କୁଁ

ପେଚା ରାଣୀ କହିଲା - ମୁଁ ତ ପେଚା, ହଗଇ ତିନି ମେଞ୍ଚା, ମଝି ମେଞ୍ଚାକ କିଏ ଖାଇବ- କାନ୍ତ କୁଁ କୁଁ

ଚାରିରାଣୀଯାକ ମୂଷା ରାଜା ମରିଯିବାରୁ ଏମିତି ଥଟ୍ଟାମଜା କରି କାନ୍ଦିଲେ । ଶୁଦ୍ଧ ହୋଇ ଯିଏ ଯାହାର ମଜାରେ ରହିଲେ । କିନ୍ତୁ ପାରାରାଣୀ ମୂଷା ମରିଯିବାରୁ ଘୁମୁରି ଘୁମୁରି କାନ୍ଦିଲା ଯେ କାନ୍ଦିଲା । ନଖାଇ ନପିଇ ସେମିତି ବିଛଣାରେ ପଡି ରହିଲା । ମୂଷାରଜା ସାତଦିନ କାଳ ଏମାନଙ୍କୁ ଲକ୍ଷ୍ୟ କରିସାରି ୮ ଦିନ ଦିନ ଘରକୁ ଆସି ଦେଖିଲା କାଉ ବଗ ବଣି ଓ ପେଚା ବେଶ୍ ମଜାରେ ଅଛନ୍ତି । କେବଳ ପାରା ରାଣୀ କାନ୍ଦି କ

କୋଟିପତି ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର, ୪/୧୧ (ନି.ପ୍ର): ଆୟବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ କଟକ ଜିଲ୍ଲା ସାଲେପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନର ସହକାରୀ ଯନ୍ତ୍ରୀ ଅର୍ଜୁନ ଚରଣ ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ସହକାରୀ ଯନ୍ତ୍ରୀ ଅର୍ଜୁନ ଚରଣ ସାହୁଙ୍କ ବିଭିନ୍ନ ଠିକଣାରେ ଗତକାଲି ସକାଳୁ ଆରମ୍ଭ ହୋଇଥିବା ଚଢଉରୁ ୨ ଲକ୍ଷ ୮୩ ହଜାର ଟଙ୍କାର ନଗଦ ଟଙ୍କା, ରାଜ୍ୟର ବିଭିନ୍ନ ସ୍ଥାନରେ ୨୧ଟି ପ୍ଲଟ୍, ଭୁବନେଶ୍ୱରରେ କୋଟିଏରୁ ଅଧିକ ଟଙ୍କା ମୂଲ୍ୟର ଘର, ୭୦ ଲକ୍ଷ ୯ ହଜାର ଟଙ୍କାର ବ୍ୟାଙ୍କ ଜମା, ୩ଟି ଚାରି ଚକିଆ ଗାଡ଼ି ଏବଂ ଅନ୍ୟ ମୂଲ୍ୟବାନ ସମ୍ପତି ଠାବ କରାଯାଇଥିଲା। ଭିଜିଲାନ୍ସର ୭ଟି ଟିମ୍ ଏକ ସମୟରେ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିଲା। ଭିଜିଲାନ୍ସର ତଥ୍ୟ ଅନୁଯାୟୀ ଭୁବନେଶ୍ୱର ଖଣ୍ଡଗିରି ବିହାରରେ ଶ୍ରୀ ସାହୁଙ୍କର ୫ ହଜାର ବର୍ଗଫୁଟ ପ୍ଲଟରେ ଏକ ତିନି ମହଲା କୋଠା ରହିଛି। ଏହାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ହେବ। କେନ୍ଦ୍ରାପଡା ଡେରାବିଶ ସଦାନନ୍ଦପୁରରେ ୧୭୨୯ ବର୍ଗଫୁଟରେ ଗୋଟିଏ କେଠା ଘର, ୨୧୮ ଗ୍ରାମର ସୁନା ଅଳଙ୍କାର, ୪୧ ଲକ୍ଷ ଟଙ୍କାର ଘରୋଇ ଉପକରଣ ଇତ୍ୟାଦି ଠାବ କରାଯାଇଛି। ଭିଜିଲାନ୍ସର ୭ଟି ସ୍ୱତନ୍ତ୍ର ଟିମ ଭୁବନେଶ୍ୱର ଖଣ୍ଡଗିରି ବିହାର ଘର, କେନ୍ଦ୍ରାପଡା ଡେରାବିଶ ସଦାନନ୍ଦପୁର ସ୍ଥିତ ଘର, ସାଲେପୁର ସ୍ଥିତ ସରକାରୀ କ୍ୱାର୍ଟର, କେନ୍ଦ୍ରାପଡା ରାୟପୁରର ଶ୍ୱଶୁର ଘର, କେନ୍ଦ୍ରାପଡା ବଡହାଟ ସ୍ଥିତ ସଂପର୍କୀୟଙ୍କ ଘର, କେନ୍ଦ୍ରାପଡା କୃଷି ଅଫିସ ନିକଟରେ ଥିବା ଜଣେ ସଂପର୍କୀୟଙ୍କ ଘର, ସାଲେପୁର ସ୍ଥିତ ଅଫିସରେ ଚଢଉ କରିଥିଲା। ଏହି ଚଢଉରେ ୮ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୭ ଜଣ ଏଏସଆଇ ଓ ଅନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ଉପଲକ୍ଷେ ରୋଟାରି କ୍ଲବ୍ ଦ୍ୱାରା ସଚେତନତା ରାଲି ଅନୁଷ୍ଠିତ

ବାଲେଶ୍ୱର, ୪/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ଉପଲକ୍ଷେ ରୋଟାରି କ୍ଲବ୍, ବାଲେଶ୍ୱର ଦ୍ୱାରା ସକାଳ ଘ. ୭. ୩୦ ଟା ସମୟରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି ଓ ଏହି ରାଲିରେ ଆରକ୍ଷୀ ଅଧିକ୍ଷକ (ଦୁର୍ନୀତି ନିବାରଣ) ଶ୍ରୀ ନରହରି ନାୟକ, ରୋଟାରି କ୍ଲବ୍ ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଦୁର୍ନୀତି ନିବାରଣ ବିଭାଗର ଅଧିକାରୀବୃନ୍ଦ, ରୋଟାରି କ୍ଲବ୍ ର କର୍ମକର୍ତ୍ତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲ ସ୍ଥିତ ରୋଟାରି କ୍ଲବ୍ କାର୍ଯ୍ୟାଳୟରୁ ଏହି ରାଲି ଆରମ୍ଭ ହୋଇଥିଲା ଏବଂ ବାଲେଶ୍ୱର କଲେକ୍ଟୋରେଟ୍ ରେ ସମାପ୍ତ ହେବା ପୂର୍ବରୁ ଷ୍ଟେସନ ଛକ, ଏଫ.ଏମ ଗୋଲେଇ, ଫାଣ୍ଡି ଛକ ସମେତ ଅନେକ ପ୍ରମୁଖ ସ୍ଥାନ ଦେଇ ଅଗ୍ରଗତି ହୋଇଥିଲା । ରାଲିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଲୋକ ପ୍ରଚାରକର ଯନ୍ତ୍ର ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ଉପଲକ୍ଷେ ସ୍ୱତନ୍ତ୍ର ବାର୍ତ୍ତା ଏବଂ ବିଭିନ୍ନ ଦୁର୍ନୀତି ନିବାରଣ ସ୍ଲୋଗାନ ପ୍ରଚାର କରାଯାଇଥିଲା । ଏଠାରେ ପ୍ରକାଶ ଥାଉ କି, ସମଗ୍ର ରାଜ୍ୟରେ ଚଳିତ ବର୍ଷ ଅକ୍ଟୋବର ୩୦ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ପାଳନ କରାଯାଉଅଛି ।

ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ନୂତନ କାର୍ଯ୍ୟାଳୟରେ ପ୍ରଥମ ବୈଠକ

ବାଲେଶ୍ୱର, ୪/୧୧ (ନି.ପ୍ର): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ନୂତନ ଜିଲ୍ଲା କାର୍ଯ୍ୟାଳୟ ଟାଉନ୍‌ହଲ୍ ରୋଡ୍ ସ୍ଥିତ ନୃତ୍ୟ-ସଂଗୀତ-କଳା ମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ଦିନ ପୂର୍ବାହ୍ନରେ ନୂତନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବୈଦ୍ୟନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ଦାମୋଦର ନାୟକ ଗତ ବୈଠକର ବିବରଣୀ ପାଠ କରି ନୂତନ କାର୍ଯ୍ୟାଳୟର ପ୍ରଥମ ବୈଠକରେ ଯୋଗ ଦେଇଥିବା ସମସ୍ତ କର୍ମକର୍ତ୍ତା ଓ ସଭ୍ୟ, ସଭ୍ୟାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠାନର ବ୍ୟାଙ୍କ୍ ଜମାବହି, ନୂତନ ସାଧାରଣ ସଂପାଦକ ଓ କୋଷାଧ୍ୟକ୍ଷଙ୍କ ଯୁଗ୍ମ ସ୍ୱାକ୍ଷରରେ ପରିଚାଳନା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁଦାନରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ବହୁମୁଖୀ ଯୋଜନାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ବୈଠକରେ ବହୁ ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ଦହପଡ଼ା ମୌଜାରେ ଚିହ୍ନଟ ହୋଇଥିବା ୨୦ ଏକର ପରିମିତ ଜମିରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି। ମାସିକ ବାର୍ଦ୍ଧକ୍ୟଭତ୍ତା ବୃଦ୍ଧି ଓ ରେଳଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ରିହାତି ପାଇଁ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ସରକାର ନିଷ୍ପତ୍ତି ନେବାକୁ ଏବଂ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଜରାୱାର୍ଡ଼ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ପ୍ରଶାସନ ଠାରେ ଦାବି କରାଯାଇଛି। ଆସନ୍ତା ଡିସେମ୍ବର ପହିଲାଦିନ ମଞ୍ଚର ଜିଲ୍ଲାସ୍ତରୀୟ ପରିବର୍ଦ୍ଧିତ ବୈଠକ ନୂତନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ବୈଠକରେ ସମସ୍ତ ବ୍ଲକ୍ କମିଟି ଓ ଶାଖା କମିଟିମାନଙ୍କରୁ ଦୁଇଜଣ ପ୍ରମୁଖ କର୍ମକର୍ତ୍ତା ବୈଠକରେ ଯୋଗଦେବାକୁ ଅନୁରୋଧ କରାଯାଇଛି। ଜିଲ୍ଲା କମିଟିର ସଦସ୍ୟ ସଂଖ୍ୟା ବୃଦ୍ଧିପାଇଁ କର୍ମକର୍ତ୍ତାମାନେ ଉଦ୍ୟମ କରିବାପାଇଁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ସର୍ବଶ୍ରୀ ଅନ୍ତର୍ଯ୍ୟାମୀ ପ୍ରଧାନ, ଗିରିଶ ଚନ୍ଦ୍ର ଦାଶ, ଶରତ ଚନ୍ଦ୍ର ଦାଶ, ଗୋପୀନାଥ ଦାସ, ଗିରିଶ ଚନ୍ଦ୍ର ଦାଶ, ଡ. ପଦ୍ମଲୋଚନ ପାତ୍ର, ସୀତାରାମ ପ୍ରଧାନ, କମଳାକାନ୍ତ ବେହେରା, ବିଷ୍ଣୁ ପ୍ରସାଦ ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ଘୋଷ, ରାଜେନ୍ଦ୍ରନାଥ ରାଉତ, ବାସନ୍ତୀ କର, ଅକ୍ଷୟ କୁମାର ତ୍ରିପାଠୀ, ମନୋରଞ୍ଜନ ପଣ୍ଡା, ଦେବେନ୍ଦ୍ର ଚୌଧୁରୀ, ଲକ୍ଷ୍ମୀପ୍ରିୟା ଜେନା, ପଦ୍ମଲୋଚନ ଦତ୍ତ, ଯଶୋଦାନନ୍ଦନ ଆସ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଶ୍ୟାମସୁନ୍ଦର ଜେନା, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଗୋବିନ୍ଦ ଚନ୍ଦ୍ର ମାଝୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିରଞ୍ଜନ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

୩୪ତମ ଚନ୍ଦ୍ରଭାଗୋତ୍ସବର ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୪/୧୧ (ନି.ପ୍ର): ଦୀର୍ଘ ୩୩ ବର୍ଷ ଧରି ରାଜ୍ୟ ତଥା ଜାତୀୟସ୍ତରୀୟ ଚନ୍ଦ୍ରଭାଗୋତ୍ସବ ନିରବଚ୍ଛିନ୍ନ ଭାବେ ପାଳନ ହୋଇଆସୁଥିବାବେଳେ ଏବର୍ଷ ୭ଦିନିଆ ୩୪ତମ ଚନ୍ଦ୍ରଭାଗୋତ୍ସବ ଆଗାମୀ ଡିସେମ୍ବର ୨୮ ତାରିଖରୁ ଜାନୁଆରୀ ୩ ତାରିଖ ଯାଏଁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଯଥାରୀତି ଅନୁଷ୍ଠିତ ହେବାପାଇଁ ଅଧ୍ୟାପକ ଡ. ଶଶିକାନ୍ତ ମହାନ୍ତିଙ୍କ ସଂଯୋଜନା ଏବଂ ବରିଷ୍ଠ ଆଇନଜୀବୀ ପର୍ଶୁରାମ ପ୍ରଧାନଙ୍କ ପୌରୋହିତ୍ୟରେ ସ୍ଥାନୀୟ ଷ୍ଟେସନ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବରିଷ୍ଠ ଉପଦେଷ୍ଟା ୯୩ବର୍ଷୀୟ ସମାଜସେବୀ ଧୀରେନ୍ଦ୍ର ନାରାୟଣ ଦାସ, ଶିକ୍ଷାବିତ୍ ଡ. ଭାଗବତ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ଡ. ରମାକାନ୍ତ ନାୟକ, ନାଟ୍ୟକାର ଆଶୀଷ ଚକ୍ରବର୍ତ୍ତୀ, ଗାଳ୍ପିକ ଅଞ୍ଜନ ଚାନ୍ଦ, ସତ୍ୟବ୍ରତ ସେଠୀ, ସଞ୍ଜୟ କୁମାର ପଣ୍ଡା, ସାମ୍ବାଦିକ ରତିକାନ୍ତ ପାତ୍ର, 'ନାଟ୍'ର ପ୍ରତିଷ୍ଠାତା ଅରୁଣାଂଶୁ ପାଣିଗ୍ରାହୀ ଓ ରୋନାଲିସା ପଣ୍ଡା, ନାଟ୍ୟ ସମୀକ୍ଷକ କୈଳାସ ଚନ୍ଦ୍ର ଦାସ, ସୁଲେଖିକା କଲ୍ୟାଣୀ ନନ୍ଦ, ସମାଜସେବୀ ରଜନୀକାନ୍ତ ଶତପଥୀ, ରାଜେଶ କୁମାର ପାଢ଼ୀ, ସଞ୍ଜୀବ କୁମାର ଧାମୁଡ଼ିଆ, ଶିକ୍ଷାବିତ୍ ଗୋପାଳ ମହାପାତ୍ର, କବି ସତ୍ୟ ସାହୁ, ସୀତାଂଶୁ ଲେଙ୍କା, ଇଂ. ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ମତାମତ ରଖିବା ସଙ୍ଗେସଙ୍ଗେ ଚନ୍ଦ୍ରଭାଗୋତ୍ସବକୁ ଅଧିକରୁ ଅଧିକ ଲୋକପ୍ରିୟ ତଥା ଶୃଙ୍ଖଳିତ ଭାବେ ସଂପାଦନ କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ରଖିଥିଲେ। ଏହି ଅବସରରେ ଚନ୍ଦ୍ରଭାଗାର ପ୍ରତିଷ୍ଠାତା କବି ଶ୍ରୀଦେବ ଆଗାମୀ ଦିନରେ ୩୪ବର୍ଷ ଚନ୍ଦ୍ରଭାଗାକୁ ସଫଳ କରିବାପାଇଁ ବିଭିନ୍ନ ଦିଗଦିଗନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ୩୪ବର୍ଷର ଚନ୍ଦ୍ରଭାଗୋତ୍ସବରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ୧୮ତମ ଜାତୀୟ ଆନ୍ତଃମହାବିଦ୍ୟାଳୟ ବହୁଭାଷୀ ନାଟକ ପ୍ରତିଯୋଗିତା ସହ ୩୧ ଡିସେମ୍ବର ରବିବାର ଦିବସବ୍ୟାପୀ ରାଜ୍ୟର ନବନବଉନ୍ମେଷକାରୀ ସ୍ରଷ୍ଟାମାନଙ୍କ ମଧ୍ୟରେ ସାରସ୍ୱତ କାର୍ଯ୍ୟକ୍ରମ ତଥା ୨୯ତମ ବାଲେଶ୍ୱର ବହିମେଳା ଆରମ୍ଭ ହେବାର ଆପାତତଃ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମର ସର୍ବାଗ୍ରେ କଣ୍ଠଶିଳ୍ପୀ କବି କଲ୍ୟାଣୀ ନନ୍ଦଙ୍କ ଦ୍ୱାରା ପ୍ରାଥମିକ ଜଗନ୍ନାଥ ଭଜନ ପରିବେଷଣ ହେବା ସହ ସମଗ୍ର କାର୍ଯ୍ୟକ୍ରମକୁ ସମାଜସେବୀ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଅବନୀ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବପ୍ରଥମେ ଓଡ଼ିଶାର ଦୁଇ ସୁନାମଧନ୍ୟ ସଂଗୀତକାର କଣ୍ଠଶିଳ୍ପୀ ଦିବ୍ୟଗତ ସ୍ୱରୂପ ନାୟକ ଏବଂ ବନମାଳୀ ଜେନାଙ୍କ ଅବର୍ତ୍ତମାନରେ ଶୋକାଞ୍ଜଳି ପ୍ରଦାନ କରାଯାଇଥିଲା।

ନୀଳଗିରି ମହାବିଦ୍ୟାଳୟରେ ଇତିହାସ ବିଭାଗ ଅଧ୍ୟାପକଙ୍କ ନିଯୁକ୍ତିକୁ ନେଇ ତାତିଲେ ଛାତ୍ରଛାତ୍ରୀ: ତୁରନ୍ତ ବହିଷ୍କାର ଦାବି

ନୀଳଗିରି , ୪/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ମହାବିଦ୍ୟାଳୟ ହେଉଛି ଜିଲ୍ଲାର ଅନ୍ୟ ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର। ଯେଉଁଠି ହଜାର ହଜାର ପିଲା ପାଠ ପଢ଼ି ବିଭିନ୍ନ କ୍ଷେତ୍ରରେ ନାମ କରିଛନ୍ତି। ପରନ୍ତୁ ବର୍ତ୍ତମାନ ଉକ୍ତ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ନାହାଁନ୍ତି। ଯାହା ଫଳରେ ପାଠ ପଢ଼ାରେ ଘୋର ଅସୁବିଧା ଦେଖାଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଇତିହାସ ବିଭାଗରେ କୌଣସି ଅଧ୍ୟାପକ ଅଧ୍ୟାପିକା ନଥିବା ବେଳେ ଜଣେ ଅଯୋଗ୍ୟ ଅଜଣା ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ କାମ ଚଳାଯାଉ ଥିବାର ଅଭିଯୋଗ କରି ଛାତ୍ରଛାତ୍ରୀ ମାନେ କଲେଜ ଅଧ୍ୟକ୍ଷଙ୍କୁ ଭେଟିଛନ୍ତି। ସୂଚନା ମୁତାବକ ନୀଳଗିରି କଲେଜରେ ବହୁଦିନ ଧରି ଇତିହାସ ବିଭାଗରେ ଅଧ୍ୟାପକ କିମ୍ବା ଅଧ୍ୟାପିକା ପଦବୀ ଖାଲି ପଡ଼ିଥିବା ବେଳେ କୌଣସି ବିଜ୍ଞାପନ ନଥାଇ ଜଗଦେବ ଖିଲାର ନାମକ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ ଅଧ୍ୟାପନା କାର୍ଯ୍ୟରେ ଲଗାଯାଇଥିଲା। ଯିଏକି ଜଣେ ଅଯୋଗ୍ୟ ବ୍ୟକ୍ତି ଅଟନ୍ତି ଯାହାଙ୍କୁ ପାଠପଢା କ୍ଷେତ୍ରରେ ଅବଧାରଣା ନଥିବା ଦର୍ଶାଇ କଲେଜର କିଛି ଛାତ୍ର ଓ ଛାତ୍ରୀ କଲେଜ ଅଧ୍ୟକ୍ଷାଙ୍କ ଠାରେ ଅଭିଯୋଗପତ୍ର ଦେଇଛନ୍ତି। କୌଣସି ରାଜନୈତିକ ଷଡ଼ଯନ୍ତ୍ର ହେଉ କିମ୍ବା ପ୍ରିୟାପ୍ରୀତି ତୋଷଣରେ ତାଙ୍କୁ ନିଯୁକ୍ତି ଦିଆଯାଇଥିବା ଛାତ୍ରଛାତ୍ରୀ ମାନେ ଅଭିଯୋଗ କରି ତୁରନ୍ତ ବିଜ୍ଞାପନ ମାଧ୍ୟମରେ ନୂତନ ଦକ୍ଷ ଅଧ୍ୟାପକ ଅଧ୍ୟାପିକା ଚୟନ କରିବାକୁ ନିବେଦନ କରିଛନ୍ତି। ଏଥିସହିତ କଲେଜରେ ଖାଲିପଡ଼ିଥିବା ଅଧ୍ୟାପକ/ଅଧ୍ୟାପିକା ସ୍ଥାନ ପୂରଣ କରିବାକୁ ସରକାରଙ୍କ ଠାରେ ଦାବୀ ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

୨୧ରୁ ବିଧାନସଭାର ୩୦...

ଅଧିବେଶନରେ ୩୦ଦିନ ଗୃହ ଚାଲିବାର ସମ୍ଭାବନା କ୍ଷୀଣ । ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷରେ ବିଧାନସଭା ଅତିକମରେ ୬୦ଦିନ ବସିବାର ପ୍ରାବଧାନ ରହିଛି । ଏହି ପ୍ରାବଧାନକୁ ପୂରଣ କରିବାକୁ ୩୦ଦିନିଆ ଶୀତ ଅଧିବେଶନର କାର୍ଯ୍ୟସୂଚୀ ଜାରି ହୋଇଛି । ମାତ୍ର ରାଜନୀତିକ ଦଳଗୁଡ଼ିକ ନିର୍ବାଚନୀ ମୁହାଁ ହୋଇସାରିଥିବାରୁ ଶୀତ ଅଧିବେଶନରେ ଗୃହ କାର୍ଯ୍ୟ ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁରୂପ ହୋଇନପାରେ ବୋଲି ଚର୍ଚ୍ଚା ।

ଗିରଫ ହେଲେ...

ନିମନ୍ତ୍ରଣ ପାଇ ସିନେ ସାମ୍ବାଦିକ ଦେବସ୍ମିତା ରାଉତ ଯୋଗଦେଇଥିଲେ। ଫିଲ୍ମ ଦେଖିବାର କିଛି ସମୟ ପରେ ବାହାରକୁ ଆସିଥିଲେ ଦେବସ୍ମିତା। ସେ ଗେଟ୍ ? ମଝିରେ ଛିଡ଼ା ହୋଇଥିଲେ। ସେହି ସମୟରେ ଫିଲ୍ମ ପ୍ରଯୋଜକ ଟୁଟୁ ନାୟକ ତାଙ୍କୁ ପ୍ରଥମେ ଠେଲି ଦେଇଥିଲେ। ପରେ ତାଙ୍କ ଗାଲ୍‌କୁ ଚାପୁଡାଏ ମାରିଥିବା ଅଭିଯୋଗ ହୋଇଥିଲା। ଏନେଇ ଦେବସ୍ମିତା ଖାରବେଳ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କମିଶନରେଟ୍ ପୁଲିସ୍ ଫିଲ୍ମ ହଲ୍‌ରେ ପହଞ୍ଚି ଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ଏହି ମାମଲାରେ ଆଜି ଓଡ଼ିଶା ୱିମେନ୍ ଆଣ୍ଡ ମିଡ଼ିଆର ପ୍ରତିନିଧି ଦଳ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି କରିଥିଲେ। ସେପଟେ ପ୍ରଯୋଜକ ଟୁଟୁ ନାୟକଙ୍କ ବିରୋଧରେ ନିଜ ଆଡୁ ମାମଲା ରୁଜୁ କଲା ମହିଳା କମିଶନ। ପୁଲିସ କମିଶନରଙ୍କୁ ରିପୋର୍ଟ ତଲବ କରିଛନ୍ତି। ୧୫ ଦିନ ଭିତରେ ମାମଲାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ରୁଜୁ କରାଯାଇଥିବା ନେଇ ସୂଚନା ଦେଲେ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା। ମହିଳା କମିଶନଙ୍କ ରିପୋର୍ଟ ତଲବ ପରେ ତତ୍ପର ହୋଇଥିଲା କମିଶନରେଟ୍ ପୁଲିସ୍। ପ୍ରଯୋଜକ ଟୁଟୁ ନାୟକଙ୍କୁ ତାଙ୍କ ଘରୁ ଉଠାଇ ଆଣିଥିଲା ପୁଲିସ। ଖାରବେଳ ନଗର ଥାନାରେ ତାଙ୍କୁ ଘନଘନ ଜେରା କରାରିଥିଲା। ଦୀର୍ଘ ସମୟ ଧରି ଜେରା କରିବା ପରେ ଅପରାହ୍ନରେ ତାଙ୍କୁ କୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଅଭିଯୋଗକାରୀଙ୍କ ୧୬୧ରେ ବୟାନ୍ ରେକର୍ଡ କରିଛି। ଗିରଫ ନେଇ ବନ୍ଧୁ ସୁଧାକର ବସନ୍ତ କହିଛନ୍ତି, ପ୍ରଯୋଜକ ଟୁଟୁ ନାୟକ ଭୁଲ ମାଗିବେ। ସେ ଏଥିପାଇଁ ରାଜି ଅଛନ୍ତି। ଟିକେ ସମୟ ଦେବାକୁ ଅନୁରୋଧ କଲେ ବସନ୍ତ।

ଉଗ୍ର ହେଉଛି ...

ହମାସ ବିରୋଧ ଲଢେଇରେ ଏହା ବଡ ସଫଳତା ବୋଲି ଦାବି କରିଛି ଇସ୍ରାଏଲ । ମାତ୍ର ଆକ୍ରମଣ ବେଳେ ଇସ୍ରାଇଲ ଓ ତାଙ୍କ ପରିବାର ନିଜ ଘରେ ଥିଲେ କି ନାହିଁ ସେନେଇ ସ୍ପଷ୍ଟ ସୂଚନା ମିଳି ପାରି ନାହିଁ । ଗାଜା ସହରକୁ ଚାରି ପଟୁ ଘେରି ରହିଛି ଆଇଡିଏଫ । ଆକାଶ, ଜଳ ସ୍ଥଳ ସବୁ ଆଡୁ କରୁଛି ଆକ୍ରମଣ । ହମାସକୁ ନିପାତ କରିବା ନ ଯାଏଁ ସେନା ପଛକୁ ହଟିବନି ବୋଲି ସୂଚନା ଦେଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଂଜାମିନ୍ ନେତାନ୍ୟାହୁ ।

ଗ୍ୟାସ ଚାମ୍ବର ...

ପ୍ରଦୂଷଣ ମାତ୍ରା ଅତ୍ୟନ୍ତ ଗୁରୁତର ଶ୍ରେଣୀରେ ପହଞ୍ଚିବା ଯୋଗୁ ଲୋକେ ଘରୁ ବାହାରିବା ମୁସକିଲ ହୋଇପଡିଛି। କେବଳ ସେତିକି ନୁହେଁ ଛୋଟ ପିଲାଓ ବୟସ୍କ ଲୋକଙ୍କୁ ନିଶ୍ୱାସ ନେବାରେ ମଧ୍ୟ କଷ୍ଟ ଅନୁଭବ ହେଉଛି। ଏହାର ମୁକାବିଲା ପାଇଁ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ପାଣି ସିଞ୍ଚନ କାମ

ରବିବାର, ନଭେମ୍ବର ୦୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବିଜୁ ସେତୁ ନିର୍ମାଣ ପାଇଁ ଜନଶୁଣାଣି

ଉଦଳା , ୪/୧୧ (ନି.ପ୍ର): ଗୋପବନ୍ଧୁନଗର ବ୍ଲକର କୁଆମରା ଓ ପଶୁଦା ପଂଚାୟତକୁ ସଂଯୋଗ କରୁଥିବା ରାସ୍ତାର ନାଲୁଆ ନାଳ ଉପରେ ବିଜୁ ସେତୁ ନିର୍ମାଣ ପାଇଁ ପଶୁଦା ଗ୍ରାମପଂଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଚଳିତ ନଭେମ୍ବର ୩ ତାରିଖ ଶୁକ୍ରବାର ଦିନ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପଶୁଦା ପଂଚାୟତର ସରପଂଚ ନିମାଇଁ ସୋରେନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ପଶୁଦା ଏବଂ କୁଆମରା ପଂଚାୟତର କଶିବଣି ଗ୍ରାମରୁ ୭୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀ ସଂଗଠନ 'ଷ୍ଟାର'ର ନିର୍ଦ୍ଦେଶକ ପଦ୍ମଚରଣ ଦାଶ ଏବଂ ଏନ୍.ସି.ଡ଼ି.ଏସ୍. ତରଫରୁ ଉକ୍ତ ସେତୁ ପାଇଁ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣର ରିପୋର୍ଟ ଏବଂ ସରକାରଙ୍କୁ ସୁପାରିଶ ହୋଇଥିବା ପ୍ରସ୍ତାବ ଗୁଡ଼ିକ ଉପସ୍ଥାପନ କରାଯାଇଥିଲା । ଜିଲ୍ଲାର ଭୁଅର୍ଜନ ଅଧିକାରୀ ଶ୍ରୀକାନ୍ତ ନାୟକ, ଭୁଅର୍ଜନ ବିଭାଗର ରେଭିନ୍ୟୁ ଆସିଷ୍ଟାଣ୍ଟ ସଂଗୀତ ମହାଳିକ , ପଶୁଦା ଆରଆଇ କମଳେଶ, କୁଆମରା ଆରଆଇ ବିଶ୍ୱଜିତ ଓ ସରପଂଚ ସୁପ୍ରଭାତିଙ୍କ ସମେତ ଜମି ହରାଉଥିବା ୧୯ ଗୋଟି ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା, ୪/୧୧ (ନି.ପ୍ର): ମିଳିତ ଗଜଲକ୍ଷ୍ମୀ ଭଷାଣି ଉତ୍ସବ ଉପଲକ୍ଷେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭଷାଣି ଉତ୍ସବରେ ସାମିଲ ହୋଇଥିବା ୩୦ରୁ ଉର୍ଦ୍ଧ୍ୱର୍ ମେଡର କର୍ମକର୍ତାଙ୍କୁ ଉପଢୌକନ ସହ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ପ୍ରଥମେ ପ୍ରତ୍ୟେକ ମେଡର ମୂର୍ତ୍ତିକୁ ଆଳତୀ କରାଯିବା ସହ ଭୋଗ ଲାଗି କରାଯାଇଥିଲା । ଏଠାରେ ଯୁବ ବିଜେଡି ସଭାପତି ରାଜେଶ ପରିଡା ଓ ବିସିଜେଡି ଜିଲ୍ଲା ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ସଂଯୋଜନାରେ ଅତିଥିଭାବେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଜିଲ୍ଲା ସଭାପତି ବିଭୁତି ବଳବନ୍ତରାୟ, ରାଜ୍ୟ ଯୁବ ବିଜେଡି ଉପ-ସଭାପତି ରୁଦ୍ରନାଥ ଦତ, ବିସିଜେଡି ରାଜ୍ୟ ସମ୍ପାଦିକା ଆଶାଶ୍ରୀ ସାହୁ, ଓଡିଶା ମୋ ପରିବାର ସଂଯୋଜକ ଦିଲ୍ଲୀପ କୁମାର ହୋତା, ନସିମ ଖାନ, କାଉନ୍ସିଲର ଅଜିତ ମହାପାତ୍ର ଏବଂ କମଳ ପ୍ରଧାନ, ବିଘ୍ନେଶ ପ୍ରଧାନ, ଅମିତ ମହାରଣା ପ୍ରମୁଖ ଉପସ୍ଥିତ ରହି ପୂଜାମଣ୍ଡପକୁ ସମ୍ମାନିତ କରିଥିଲେ । ଏଥିସହିତ କଳାକାର ଓ ପୌରାଂଚଳ ର ସାହି ମୂରବୀଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ର ମଂଚ ପରିଚାଳନା କରିଥିଲେ । ଏଥିରେ ଅମନ, ପ୍ରିତମ, କିରଣ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୩ ଅନୁଷ୍ଠିତ

ବାରିପଦା, ୪/୧୧ (ନି.ପ୍ର): ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୩ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ୧୩ ଟି କ୍ଲଷ୍ଟରରୁ ମୋଟ ୩୦୦ କୃତୀ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ, ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଓ ଶିକ୍ଷକ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଯୋଗ ଦେଇ କୁନିକୁନି ପିଲାଙ୍କ ଭିତରେ ଥିବା ପ୍ରତିଭାର ବିକାଶ କ୍ଷେତ୍ରରେ ସୁରଭି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଦୁଇ କୁନି ପ୍ରତିଭା ଏମ ସାଇ ଜ୍ୟୋତି ଓ ଏମ ସାଇ ପ୍ରୀତି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ, ଡଃ ସ୍ନେହଲତା ବେହେରା ଓ ତପସ୍ୱିନୀ ଦାଶ ପ୍ରମୁଖ ଉପସ୍ଥିତ ଥିବା ବେଳେ, ପ୍ରଦୀପ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଓ ଡଃ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ସିଦ୍ଧେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ, ସୋମନାଥ ସିଂହ ଓ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ ତେବେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଚଳିତ ମାସ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି ।

ରୂପସା ମାଲଗୋଦାମ ଟ୍ରକ ଆସୋସିଏସନର ପ୍ରଥମ ବୈଠକ

ବସ୍ତା, ୪/୧୧ (ନି.ପ୍ର): ରୂପସା ଥାନା ଅଧୀନରେ ପ୍ରଥମ ଥର ଗଢ଼ିଉଠିଥିବା ରୂପସା ମାଲଗୋଦାମ ଟ୍ରକ ଆସୋଷେଶନ ର ପ୍ରଥମ ବୈଠକ ଆୟୋଜିତ ହୋଇଯାଇଛି । ଉକ୍ତ ବୈଠକ ରେ ରୂପସା ଅଞ୍ଚଳ ର କିଛି ବିଦ୍ୱାନ ବରେଣ୍ୟ ବ୍ୟକ୍ତି ମାନଙ୍କୁ ଅନୁଷ୍ଠାନ ର ଶୁଭେଚ୍ଛୁ ଭାବେ ରଖାଯାଇଛି । ଅନୁଷ୍ଠାନ ପକ୍ଷରୁ ସମସ୍ତ ଶୁଭେଚ୍ଛୁ ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଯାଇଥିଲା । ଉକ୍ତ ସଭାରେ ଜିଲ୍ଲାପରିଷଦ ସଞ୍ଜୟ କୁମାର ସେଠୀ ସଭାପତିତ୍ୱ କରିଥିଲାବେଳେ ଅନୁଷ୍ଠାନ ର ସଭାପତି ଜଳଧର ପରିଡ଼ା , ଉପ ସଭାପତି ମନୋରଂଜନ ନାୟକ , ସମ୍ପାଦକ ସୁଜୟ କୁମାର ଗିରି , ସହ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା , ଟ୍ରେଜେରର ଜିତେନ୍ଦ୍ର ପଣ୍ଡା ଥିବା ବେଳେ ସଦଶ୍ୟ ସୃଷ୍ଟିଧର ବେହେରା , ମନୋରଞ୍ଜନ ପରିଡା , ରାମକୃଷ୍ଣ ଲେଙ୍କା, ତ୍ରିଲୋଚନ ପରିଡ଼ା , ମନୋରଞ୍ଜନ ପ୍ରଧାନ, ପପୁ ମାଝୀ , ଶୁଭଙ୍କର ସାହୁ ଉପସ୍ଥିତ ରହି ଥିଲେ । ଉପସ୍ଥିତ ସମସ୍ତ ଶୁଭେଚ୍ଛୁ ଅନୁଷ୍ଠାନ ରେ କିଭଳି ରୂପସା ରେ ସମସ୍ତ ଟ୍ରକ କାମରେ ଲାଗିବ , ରାସ୍ତାରେ ପାଣି ପଡିବ ଓ ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ ଓ ଅନ୍ୟାନ୍ୟ ବିଷୟ ରେ ଅଭିଭାଷଣ ରଖି ଅନୁଷ୍ଠାନ ର ସୁ ଭବିଷ୍ୟତ କାମନା କରିଥିଲେ ।

ବିଜେଡିର ପଦଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ

ବାଲିଆପାଳ ୪/୧୧ (ନି ପ୍ର.) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ନେତୃତ୍ୱରେ ରବିବାର ହେବକୁ ଥିବା ପଦଯାତ୍ରାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।ପଦଯାତ୍ରା ପାଇଁ ବିଧାୟକ ଶ୍ରୀ ସାହୁଙ୍କ ସମର୍ଥିତ ବିଜେଡି କର୍ମୀ ଓ ଦଳୀୟ ନେତାମାନଙ୍କର ଆନନ୍ଦ ଉଲ୍ଲାସ ବଢ଼ିଥିବାର ଦେଖିବାକୁ ମିଳିଛି । ସମର୍ଥକମାନେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି । ତେବେ ପଦଯାତ୍ରା ମଧୁପୁରା ପଞ୍ଚାୟତରୁ ବାହାରି ବାଲିଆପାଳ ପଞ୍ଚାୟତରରେ ଶେଷ ହେଉ ଥିବାରୁ ଉଭୟ ପଞ୍ଚାୟତର ସମର୍ଥକ ମାନେ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଲାଗି ପଡିଛନ୍ତି । ଏହି ପଦ ଯାତ୍ରା ଅବସରରେ ବାଲିଆପାଳ ବସ ଷ୍ଟାଣ୍ଡରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ବସ୍ତା ନିର୍ବାଚନ ମଣ୍ଡଳୀର ୪୫ ଟି ପଞ୍ଚାୟତର ନିର୍ବାଚିତ ସରପଂଚ, ସଦସ୍ୟ,ପଞ୍ଚାୟତ ସଭାପତିଙ୍କ ସହିତ ବରିଷ୍ଠ କର୍ମକର୍ତ୍ତା, ଦଳୀୟ ନେତା କର୍ମୀ କାର୍ଯ୍ୟକ୍ରମରେ ସାମିଲ ରହିବେ ବୋଲି ଯୁବ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ରବୀନ୍ଦ୍ର ନାଥ ଅଣ୍ଡିଆ ଜଣାଇଛନ୍ତି ।

ସିପିଆଇ(ଏମ) ନୀଳଗିରି ପକ୍ଷରୁ ନଭେମ୍ବର ୧୦ରେ ରାସ୍ତାରୋକ

ନୀଳଗିରି, ୪/୧୧ (ନି.ପ୍ର): ନୀଳଗିରି ସିପିଆଇ(ଏମ) ଦଳ ପକ୍ଷରୁ ଯୋଗାନନ୍ଦ ଦାସ ଙ୍କ ସଭାପତିତ୍ୱର ଦଳୀୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା ହେବା ସହିତ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ଫଳରେ ବର୍ତ୍ତମାନ ନୀଳଗିରି ଅଞ୍ଚଳରେ ଚାଷଜମି ସବୁ ମରିବାକୁ ବସିଲାଣି । ତତ ସହିତ ଚକଡ଼ା ପୋକ ଦ୍ୱାରା ସମସ୍ତ ଫସଲ ନଷ୍ଟ ହୋଇଗଲାଣି । ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଏବାବଦରେ ଦଳ ତରଫରୁ ବିକ୍ଷୋଭ ମଧ୍ୟରେ ଅକ୍ଟୋବର ୧୭ ତାରିଖରେ ଉଠାଜଳସେଚନ ପଏଣ୍ଟ ଗୁଡିକ ଚାଲୁ କରିବା ସହିତ ଚକଡ଼ା ପୋକ ଲାଗିଥିବା ସ୍ଥାନକୁ ଚିହ୍ନଟ କରି ସରକାରଙ୍କୁ ରିପୋର୍ଟ ଦେବା ପାଇଁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବୀ ପତ୍ର ଦିଆଯାଇଥିଲା । ସରକାର ଏବାବଦରେ କୌଣସି ପଦକ୍ଷେପ ନ ନେବାରୁ ଗତ ୨୫/୯/୨୩ରିଖରେ ପୁଣି ଦଳ ତରଫରୁ ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ଦିଆଯାଇଥିଲା । ବର୍ତ୍ତମାନ ସୁଦ୍ଧା ସରକାର କୌଣସି ପଦକ୍ଷେପ ନେଲେ ନାହିଁ । ଚାଷି ମାନେ ଚାଷ ପାଇଁ ସରକାରୀ ବେସରକାରି ସଂସ୍ଥା ମାନଙ୍କରୁ ଋଣ ଆଣି ଚାଷରେ ଲଗାଇଛନ୍ତି । ସରକାର ଯଦି କୌଣସି ପଦକ୍ଷେପ ନ ନେବେ ଚାଷୀ ଆତ୍ମହତ୍ୟା କରିବା ନିଶ୍ଚିତ । ନୀଳଗିରି କୁ ମରୁଡ଼ି ଘୋଷଣା , ଚାଷୀ ଋଣ ଛାଡ ଦାବିରେ ଆସନ୍ତା ୧୦ ନଭେମ୍ବରରେ ଗରଡିହି ଛକଠାରେ ରାଜ୍ୟ ରାଜପଥ ୧୯ କୁ ବନ୍ଦ କରାଯିବା ସହିତ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ନିଷ୍ପତି ନିଆଯାଇଛି । ଏହି ବୈଠକରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ରାଜ୍ୟକମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ ଜ୍ୟୋତିର୍ମୟ ରାଉତ, ଷ୍ଟାଲିନ ମିଶ୍ର, ନାରାୟଣ ଧାମୁଡିଆ, ଲକ୍ଷ୍ମୀଧର ସାହୁ, ସତ୍ୟଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ନୀଳମଣି ମହାବିଦ୍ୟାଳୟରେ ଆଲୋଚନାଚକ୍ର

ରୂପସା, ୪/୧୧ (ନି.ପ୍ର): ନୀଳମଣି ମହାବିଦ୍ୟାଳୟ ସଂସ୍କୃତ ସମ୍ମାନ ବିଭାଗ ଆନୁକୁଲ୍ୟରେ 'ମେଘେ ମାଘେ ଗତଂ ବୟ' ବିଷୟ ଉପରେ ଆୟୋଜିତ ହୋଇଯାଇଛି ଏକ ଆଲୋଚନା ଚକ୍ର ରେ , ଏହି କାର୍ଯ୍ୟକ୍ରମ ଟି ସଂସ୍କୃତ ବିଭାଗର ମୁଖ୍ୟା ପ୍ରାଧାପିକା ନିଳୀମା ପାତ୍ର ଙ୍କ ତତ୍ତ୍ୱାବଧାନ ରେ ଜଗନ୍ନାଥ ଙ୍କ ଫଟ ଚିତ୍ର ରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ, ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ଏବଂ ଆଲୋଚ୍ୟ ବିଷୟ ପ୍ରସଙ୍ଗ ରେ ଆଲୋଚନା କରିବା ପାଇଁ ମୁଖ୍ୟବକ୍ତା ଭାବରେ କେକେଏସ୍ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅବସର ପ୍ରାପ୍ତ ପ୍ରାଧାପକ ନିର୍ମଳ କୁମାର ପଣ୍ଡା ପଣ୍ଡା ଯୋଗ ଦେଇ ମେଘଦୂତମ୍, ଶିଶୁପାଳବଧମ୍ ଏବଂ ସଂସ୍କୃତ ନାଟ୍ୟଶାସ୍ତ୍ର ର ଗୋରବ ଗାରିମା ଓ ମହନୀୟତା ଉପରେ ଆଲୋକପାତ କରିଥିଲେ, ଏହି କାର୍ଯ୍ୟକ୍ରମ ରେ ଯଜ୍ଞାସେନି ପ୍ରହରାଜ, ଦେବସ୍ମିତା ପୃଷ୍ଟି ଓ ଉପୂଳିକା ନାୟକ ଅଂଶଗ୍ରହଣ କରିଥିଲେ ଏହି କାର୍ଯ୍ୟକ୍ରମ କୁ ସଂସ୍କୃତ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ପରିଚାଳନା କରିଥିଲେ ଏବଂ ପରିଶେଷରେ ସଂସ୍କୃତ ବିଭାଗ ର ଅଧାପିକା ପିନାକ୍ଷୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମ କୁ ସମାପ୍ତ କରିଥିଲେ ।

ବିଦ୍ୟାଳୟରୁ ଚାଉଳ ଓ କାଠ ଚୋରୀ ନେଇ ଥାନାରେ ଏତଲା ଦେଲେ ପ୍ରଧାନ ଶିକ୍ଷୟତ୍ରୀ

ନୀଳଗିରି , ୪/୧୧ (ନି.ପ୍ର): ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ଉମା ଅର୍ଜୁନ ବାଳିକା ଉଚ୍ଚବିଦ୍ୟାଳୟରେ ୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଚାଉଳ ଏବଂ କାଠଗଣ୍ଡି ଚୋରୀ ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳୀ ଶତପଥୀ । ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ଭରାପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଭାବରେ ଶ୍ରୀମତୀ ଶତପଥୀ କାର୍ଯ୍ୟ କରୁଥିବା ବେଳେ ଗତ ଅକ୍ଟୋବର ୨୦ତାରିଖରେ ଦୁର୍ଗାପୂଜା ପାଇଁ ଛୁଟି ପଡିଥିଲା । ଏହି ଅବସରରେ ୯୩ଜଣ ବିଦ୍ୟାର୍ଥୀ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ଅନ୍ୟୁନ ୯୦ପାଖାପାଖି ପିଲା ହଷ୍ଟେଲରେ ରହି ପାଠ ପଢୁଥିଲେ । ୧୯ତାରିଖରେ ବିଦ୍ୟାଳୟ ଛୁଟିହେବା ପରେ ସମସ୍ତ କୋଠରୀ ଓ ହଷ୍ଟେଲ ଚାବି ଦେଇ ବିଦ୍ୟାଳୟର ଜଗୁଆଳି ରବିନାରାୟଣ ଦାସବାବୁଙ୍କୁ ଚାବି ହସ୍ତାନ୍ତର କରି ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛୁଟିରେ ଯାଇଥିଲେ । ୩୦ତାରିଖରେ ଛୁଟି ଖୋଲିବା ପରେ ଦିନ ୧୦ଟାରେ ୱାଚମେନ୍ ଚାବି ଖୋଲି ଥିଲେ । ମାତ୍ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଶତପଥୀ ବିଦ୍ୟାଳୟ କୋଠରୀରେ ଲାଗିଥିବା ସି ସି କ୍ୟାମେରା ବନ୍ଦ ଥିବା ଦେଖିବାକୁ ପାଇଥିଲେ । ସନ୍ଦେହ ହେବାରୁ ପ୍ରତ୍ୟେକ କୋଠରୀ ଯାଞ୍ଚ ବେଳେ ହଷ୍ଟେଲ ରୋଷେଇ ପାଇଁ ମହଜୁଦ ଥିବା ୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଚାଉଳ ସହିତ ଆନୁମାନିକ ୨୫ହଜାର ଟଙ୍କାର କାଠଗଣ୍ଡି ଚୋରୀ ହୋଇଥିବା ଦେଖିବାକୁ ପାଇଥିଲେ । ଯେତେବେଳେ କି ବିଦ୍ୟାଳୟର କୌଣସି ଚାବି ଭଙ୍ଗା ଯାଇନଥିଲା । ତୁରନ୍ତ ଶିକ୍ଷୟତ୍ରୀ ଜଣକ ନୀଳଗିରି ଥାନାରେ ଅଭିଯୋଗ କରି ତଦନ୍ତ ପୂର୍ବକ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି ।

ଏସିଆନ୍ ମାଷ୍ଟର ଏଥେଲେଟିକ୍ ମିଟ୍ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୪/୧୧ (ନି.ପ୍ର): ଫିଲିପାଇନ୍ସ ତାରଲାକ ସିଟିର ନିୟୁ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଥିବା୨୨ ତମ ଏସିଆନ୍ ମାଷ୍ଟର ଏଥେଲେଟିକ ମିଟରେ ଭାଗ ନେବା ପାଇଁ ଭାରତ ତରଫରୁ ମନୋନୀତ ହୋଇଥିବା ଜିଲ୍ଲା ଓକିଲ ସଂଘ ବାରିପଦାର ଆଇନଜୀବୀ ବନମାଳୀ ବାରିକ ୧୦୦ ମିଟର ଲଙ୍ଗ ଜାମ୍ପ ଓ ଟ୍ରିପଲ ଜାମ୍ପ ରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇଥିବାରୁ ମୟୁରଭଞ୍ଜ ଜିଲ୍ଲା ବାରିପଦା ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଜନ ଦାସ ଙ୍କ ନେତୃତ୍ୱରେ ଶ୍ରୀ ବାରିକ ଙ୍କ ଉତ୍ତରୋତ୍ତର ସଫଳତା କାମନା କରି ବହୁ ଆଇନଜୀବୀ ସମ୍ବର୍ଦ୍ଧନା ଜଣାଇଥିଲେ । ଶ୍ରୀ ବାରିକ ପୂର୍ବରୁ ଏମପିସି କଲେଜ ତରଫରୁ ଇଣ୍ଟରକଲେଜ, ଇଣ୍ଟରୟୁନିଭାର୍ସିଟି ମିଟ ସହିତ ମୟୁରଭଞ୍ଜ ଜିଲ୍ଲା ତରଫରୁ ରାଜ୍ୟସ୍ତରୀୟ ଖେଳରେ ଭାଗ ନେଇ ସୁନାମ ଅର୍ଜନ କରିଥିଲେ । ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଆଇନଜୀବୀ ସଚ୍ଚି ପଟ୍ଟନାୟକ, ଶାନ୍ତନୁ କୁମାର ପାଲ, ମହେଶ ଶତପଥି, ବିରେନ୍ଦ୍ର କୁମାର ଗୋସ୍ୱାମୀ, ରାମ ଶଙ୍କର ମିଶ୍ର, ନାରାୟଣ ବ୍ରାର, ଅମୀୟ ଶଙ୍କର ଦାସ ସମେତ ବହୁ ଆଇନଜୀବୀ ସ୍ୱାଗତ ସମ୍ବର୍ଧନା ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି ।

ପାରା ଏସୀୟ ଗେମ୍ସ ବିଜେତାଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ

ଭୁବନେଶ୍ୱର, ୪/୧୧ (ନି.ପ୍ର): ପାରା ଏସିଆନ୍ ଗେମ୍ସରେ ଅସାଧାରଣ କୃତିତ୍ୱ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା ବ୍ୟାଡ୍ ମିଂଟନ୍ ତାରକା ପ୍ରମୋଦ ଭଗତ ଓ ଚେସ୍ ଖେଳାଳୀ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଭବିଷ୍ୟତରେ ଓଡ଼ିଶା ପାଇଁ ଅଧିକ ସଫଳତା ଆଣିବେ ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଉଲ୍ଲେଖ କରିଛନ୍ତି । ଶନିବାର ଅପରାହ୍ନରେ ତୋଷାଳୀ ଭବନରେ ଭିନ୍ନକ୍ଷମ ଆୟୋଗ ଆନୁକୂଲ୍ୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ପର୍ବରେ କୃତୀ କ୍ରୀଡ଼ାବିତ୍ ପ୍ରମୋଦ ଓ ସୌନ୍ଦର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରି ଶ୍ରୀମତୀ ହରିଚନ୍ଦନ କହିଲେ ଯେ ରାଜ୍ୟର ଯୁବ ଖେଳାଳୀମାନେ ଏପରି କୃତିତ୍ୱରେ ଅଧିକ ଅନୁପ୍ରେରିତ ଓ ଉତ୍ସାହିତ ହେବେ ।

ଜନସାଧାରଣଙ୍କ ସୁବିଧା ପାଇଁ ଜୁଡିସିଆଲ ହବ ନିର୍ମାଣ ଉପଯୁକ୍ତ ସ୍ଥାନରେ କରିବା ପାଇଁ ଜିଲ୍ଲାଜଜ୍ ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଦାବ